## ସାପ କାମୁଡ଼ାରେ ଜୀବନ ଗଲା

ଆରଡ଼ି,(ଡି.ଏନ.ଏ.)- ଭଦ୍ରକ ଜିଲା ଧୂଷୁରୀ ଥାନା ସୁନ୍ଦରପୁର ପଞ୍ଚାୟତ ଅନ୍ତର୍ଗତ ଦୋହରାପାଟଣା ଗ୍ରାମର ବିଷ୍ଣୁଚରଣ ମଳିକ (୬୫)ଙ୍କର ମଙ୍ଗଳବାର ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ସେ ବିଲରେ କାମ କରୁଥିବା ବେଳେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏନେଇ ଧୂଷୁରୀ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।



## ସଂକ୍ଷେପରେ

### ବଳାତ୍କାର ଉଦ୍ୟମ, ସମ୍ପର୍କୀୟ ମାମୁ ଅଟକ

**କେନ୍ଦୁଝର/ତେଲକୋଇ, ୨୩।୨ (ସ୍ୱ.ପ୍ର./ଡି.ଏନ.ଏ.):** କେନ୍ଦୁଝର ଜିଲା ତେଲକୋଇ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଅଭିଯୋଗ ପାଇବା ପରେ ପୋଲିସ ଅଭିଯୁକ୍ତ ମାମୁଁଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ପୋଲିସ ସୂଚନା ଅନୁଯାୟୀ, ସମ୍ପର୍କୀୟ ମାମୁଁ ଗତ ରବିବାର ତାଙ୍କ ଭାଣିଜିକୁ ସ୍କୁଲରେ ନାମ ଲେଖାଇବାକୁ ସାଇକେଲରେ ନେଇଯାଉଥିଲେ। ସେ ନିଶାସକ୍ତ ଅବସ୍ଥାରେ ଯାଉଥିବା ବେଳେ ରାସ୍ତାରେ ସମ୍ପୃକ୍ତ ନାବାଳିକଙ୍କୁ ପ୍ରଲୋଭନ ଦେଖାଇ ହଠାତ ଜାବୁଡ଼ି ଧରି ବଳାତ୍କାର ଉଦ୍ୟମ କରିଥଲେ। ପରେ ଉକ୍ତ ନାବାଳିକା ସେଠାରୁ ଧାଇଁ ପଳାଇ ଆସି ପୋଲିସକୁ ଜଣାଇବା ପରେ ପୋଲିସ ଏକ ମାମଲା (ନଂ.୧୯/୨୧) ରୁଜୁ କରି ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ ଚଳାଇଥିବା ଏସଡିପିଓ ସଦର ପି.ଜେ.ଟପୋ କହିଛନ୍ତି।

### ଓଡ଼ିଶା ଗ୍ରାମ୍ୟ କୃଷି କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା

**ବାରିପଦା ଅଫିସ,୨୩।୨:** ମୟୂରଭଞ୍ଜ ଜିଲା ଗ୍ରାମ୍ୟ କୃଷି କର୍ମଚାରୀ ସଂଘର ସାଧାରଣ ପରିଷଦ ବୈଠକ ବାଙ୍ଗିରିପୋଷି ଖଇରି ରିସୋର୍ଟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ ସଭାପତି ହେମନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଜିଲାର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସମ୍ପାଦକ ଭାବେ ସୌମ୍ୟରଞ୍ଜନ ମହାନ୍ତି ଓ ସଭାପତି ରାଜ କୁମାର ମହାନ୍ତ ସଂଘର କାର୍ଯ୍ୟାବଳୀ ଓ ବିଭିନ୍ନ ସମସ୍ୟାର ସମାଧାନ କରିବା ଦିଗରେ ପ୍ରୟାସ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସମସ୍ତ ସଭ୍ୟ କୃଷି ଓ କୃଷକଙ୍କ ଉନ୍ନତି କାମନା କରିବା ସଙ୍ଗେ ସଙ୍ଗେ ସଂଘର ଉନ୍ନତି ପାଇଁ କାମନା କରିଥିଲେ।

### ପାଟଣା ଏକାଦଶ ଚାମ୍ପିୟନ

**ପାଟଣା, ୨୩।୨(ସ୍ୱ.ପ୍ର.):** କେନ୍ଦୁଝର ଜିଲା ସାହାରପଡା ବ୍ଲକ କପୁଣ୍ଡି ପଞ୍ଚାୟତ ଚୁଟିଆପଶି ଗ୍ରାମ ନୂଆସାହିରେ ମା' ବିଶ୍ୱେଶ୍ୱରୀ କ୍ଲବ ତରଫରୁ କ୍ରିକେଟ ଟୁର୍ନାମେଣ୍ଟ ଉଦ୍ୟାପିତ ହୋଇଯାଇଛି। ଏଥିରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ପାଟଣା ଏକାଦଶ ସହ ଗୋପୀନାଥପୁର ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପାଟଣା ଏକାଦଶ ଚାମ୍ପିୟନ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ କପୁଣ୍ଡି ପଞ୍ଚାୟତର ସମିତି ସଭ୍ୟ ତଥା ବରିଷ୍ଠ ଆଇନଜୀବୀ ମହେଶ୍ୱର ପୃଷ୍ଟି ଯୋଗ ଦେଇ ଉଭୟ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। ଖେଳରେ ଅମ୍ପାୟାର ଭାବେ ସୁମନ୍ତ ଦାଶ ଓ ପ୍ରକାଶ ଦାଶ ଖେଳ ପରିଚାଳନା କରିଥିଲେ।

### ଚୋରା ମଦ କାରବାର: ୩ ଗିରଫ

**ସୋର, ୨୩।୨(ଡି.ଏନ୍.ଏ.):** ସୋର ଅବକାରୀ ବିଭାଗ ତରଫରୁ ସିମୁଳିଆ ଥାନା ଅଧୀନ ବିଭିନ୍ନ ଢାବାରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ବିଦେଶୀ ମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୩ଜଣ ଢାବା କର୍ମଚାରୀଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ନୀଳଗିରି ଅବକାରୀ ଆଇଆଇସି ନାରାୟଣ ବେହେରା ଏବଂ ସୋର ଅବକାରୀ ଅଧିକାରିଣୀ ସ୍ୱାତୀ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ବିଭିନ୍ନ ଢାବା ଉପରେ ଚଢ଼ାଉ କରି ତପନ କୁମାର ରାଉତ, ପରେଶ ରାଉତ ଓ ସରୋଜ ଦାସଙ୍କୁ ଗିରଫ କରିଛି। ଚଢାଉରେ ଦେବାଶିଷ ମଲ୍ଲିକ, ତପନ ମଲ୍ଲିକ ଓ ବିଦ୍ୟାଧର ବିଦ୍ଧାଣୀ ସହଯୋଗ କରିଥିଲେ।

### ବିଶିଷ୍ଟ ବଂଶୀବାଦକଙ୍କ ପରଲୋକ

**ଖଇରା, ୨୩।୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ନୟାଖଣ୍ଡି ପଞ୍ଚାୟତ ଅଧୀନ ସୁନ୍ଦରପୁର ଗ୍ରାମର ବିଶିଷ୍ଟ ସାହିତ୍ୟିକ ତଥା ବଂଶୀବାଦକ ଦୟାନିଧି ଦାସ(୮୧)ଙ୍କ ରବିବାର ପରଲୋକ ହୋଇଯାଇଛି। ସେ କିଛି ଦିନ ଧରି ଅସୁସ୍ଥ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପୁଅ ବୋହୂ ଉପସ୍ଥିତ ଥିଲେ। ସେ ଗ୍ରାମାଞ୍ଚଳରେ ଯାତ୍ରା ମଞ୍ଚସ୍ଥ କରୁଥିବା ବିଭିନ୍ନ ଅପେରାରେ ବଂଶୀବାଦନ ତାଙ୍କୁ ଘରେ ଘରେ ପରିଚିତ କରାଇଥିଲା। ଏହାଛଡା ସାହିତ୍ୟ ସାଧନା ପାଇଁ ମା' ଅମ୍ବିକା ବିଶ୍ୱକଲ୍ୟାଣ ସାହିତ୍ୟ ସଂସଦ ସମେତ ବହୁ ସାହିତ୍ୟ ସଙ୍ଗଠନରୁ ପୁରସ୍କୃତ ହୋଇଥିଲେ। ତାଙ୍କର ଏଭଳି ଆକସ୍ମିକ ମୃତ୍ୟୁରେ ଖଇରା ସାହିତ୍ୟ ସଂସଦ, ମା' ଅମ୍ବିକା ସାହିତ୍ୟ ସଂସଦର କର୍ମକର୍ତ୍ତାମାନେ ଶୋକ ପ୍ରକାଶ କରିଛନ୍ତି।

# ରଗଡ଼ାସାହିରେ ବିକାଶ ଅପହଞ୍ଚ

**କେନ୍ଦୁଝର, ୨୩।୨(ସ୍ୱ.ପ୍ର.)**



ବିକାଶ ଅପେକ୍ଷାରେ ରଗଡ଼ା ସାହି ଗ୍ରାମବାସୀ।

କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ବୁଢ଼ାଖମଣ ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ ସୋମଗିରୀ ଗ୍ରାମର ରଗଡ଼ା ସାହିକୁ ନା ଅଛି ସବୁଦିନିଆ ଯୋଗାଯୋଗ ପାଇଁ ରାସ୍ତା, ନା ଅଛି ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ଓ ବିଦ୍ୟୁତ ସୁବିଧା । ଜଙ୍ଗଲ ପରିବେଷ୍ଟିତ ଏହି ଗ୍ରାମରେ ବହୁ କାଳରୁ ରହି ଆସୁଥିବା ମୁଣ୍ଡା ଆଦିବାସୀମାନଙ୍କ ପାଇଁ ବିକାଶ ସାତସପନ ପାଲଟିଛି। ଲୋକମାନେ ମୌଳିକ ସୁବିଧା ପାଇପାରୁ ନ ଥିବାରୁ ବହୁ ଅସୁବିଧାରେ ଚଳୁଛନ୍ତି। ନିର୍ବାଚନ ସମୟରେ ହିଁ କେବଳ ନେତାମାନଙ୍କ ଦର୍ଶନ ମିଳେ କିନ୍ତୁ ପରେ ସେମାନଙ୍କ ସମସ୍ୟା ବୁଝିବାକୁ କେହିନାହିଁ।

ପ୍ରକାଶ ଯେ, ଏହି ସାହିରେ ପାଖାପାଖି ୨୦ଟି ମୁଣ୍ଡା ସମ୍ପ୍ରଦାୟର ପରିବାର ବସବାସ କରନ୍ତି। ଜଙ୍ଗଲ ମଧ୍ୟରେ ସାହି ରହିଥିବାରୁ ବନ୍ୟ ଜୀବଜନ୍ତୁଙ୍କ ଭୟକୁ ଆଦରି ରହିଆସୁଛନ୍ତି। ଦୀର୍ଘ ୫ବର୍ଷ ତଳେ ଗାଁରେ ବିଜୁଳିଖୁଣ୍ଟ ପଡ଼ିବା ସହିତ ତାରଟଣା ହୋଇ ବିଦ୍ୟୁତ ସଂଯୋଗ ହୋଇଥିଲା। ୨ମାସ ଜଳିଥିଲା ହେଲେ ବିଦ୍ୟୁତ୍ ଖୁଣ୍ଟକୁ ହାତୀ ଭାଙ୍ଗିବା ପରେ ଆଜି ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ହୋଇପାରି ନ ଥିବାରୁ ଅନ୍ଧାରରେ ଚଳୁଛନ୍ତି । ଡିବିରି ଆଲୁଅ ହିଁ ଏକମାତ୍ର ଭରସା। ଫଳରେ ପିଲାଙ୍କ ପାଠ ପଢ଼ା ବ୍ୟାହତ ହେବା ସହ ରାତି ହେଲେ ତାଟିକବାଟ ପଡିଯାଏ ବୋଲି ଗ୍ରାମବାସୀ କୁହନ୍ତି। ବିଦ୍ୟୁତସଂଯୋଗ ପାଇଁ ଆବଶ୍ୟକ ହେଉଥିବା ୧୦ହଜାର ଟଙ୍କା ଯୋଗାଡ କରିପାରୁ ନ ଥିବାରୁ ଅନ୍ଧାରରେ ରହିଆସୁଛନ୍ତି ବୋଲି ନିରାକାର ମୁଣ୍ଡା କହିଛନ୍ତି। ଭଲ ରାସ୍ତା ନ ଥିବାରୁ ଜରୁରୀ ସମୟରେ ଆମ୍ବୁଲାନ୍ସ ଆସିପାରୁନାହିଁ। ନା ଅଛି ଅଙ୍ଗନୱାଡି କେନ୍ଦ୍ର ନା ଅଛି ସ୍କୁଲ । ସ୍କୁଲ ପାଇଁ ଜଙ୍ଗଲ ରାସ୍ତାରେ ୪ କି.ମି. ଦୂରରେ ପିଲାମାନଙ୍କୁ ସୋମଗିରି ଗ୍ରାମକୁ ଯିବାକୁ ପଡିଥାଏ। ୨୦୧୭ରେ ୨୦ଟି ପରିବାର ପାଇଁ ଗୋଟିଏ ନଳକୂପ ହୋଇଥିଲା। ସେହିପରି ଗ୍ରାମ ପୋଖରୀର ପୁନରୁଦ୍ଧାର ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲେ ହେଁ କାମରେ ଲାଗୁନାହିଁ। ଫଳରେ ଗାଧୋଇବା ପାଇଁ ଜଙ୍ଗଲର ଝରଣା ପାଣିକୁ ଆଦରି ନେଇଛନ୍ତି ବୋଲି କହିଛନ୍ତି ବେଙ୍ଗବତୀ ମୁଣ୍ଡା। ଜବ୍ କାର୍ଡ ଥିଲେ ହେଁ ୧୦୦ ଦିନ ତ ଦୂରର କଥା ଗୋଟିଏ ଦିନ ମଧ୍ୟ କାମ ମିଳି ନ ଥିବାରୁ ବହୁ କଷ୍ଟରେ ଘର ପରିବାର ଚଳାଉଛନ୍ତି। ଜଙ୍ଗଲ ପାହାଡ଼ ତଥା ଚାଷ ଉପରେ ଜୀବିକା ନିର୍ବାହ କରୁଥିଲେ ହେଁ କୌଣସି ସୁବିଧା ମିଳୁନାହିଁ। ଏନେଇ ହରିଚନ୍ଦନପୁର ବିଡିଓ ସୁବ୍ରତ କୁମାର ଜେନା କହିଛନ୍ତି ଯେ ଘଟଣାର ଅନୁଧ୍ୟାନ କରି ପଦକ୍ଷେପ ନେବେ। ବ୍ଲକ ଓ ଜିଲା ପ୍ରଶାସନ ଏହାକୁ ଦୃଷ୍ଟି ଦେଇ ସମସ୍ତ ମୌଳିକ ସୁବିଧା ଯୋଗାଇଦେବାକୁ ଗ୍ରାମର ନିତ୍ୟାନନ୍ଦ ମୁଣ୍ଡା, ସଞ୍ଜୟ ମୁଣ୍ଡା, ଘାସିରାମ ମୁଣ୍ଡାଙ୍କ ସମେତ ସମସ୍ତ ସାହିବାସୀ ଦାବି କରିଛନ୍ତି । ନଚେତ ଆଗାମୀ ନିର୍ବାଚନରେ ଗ୍ରାମବାସୀ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି।

# ଲୁହାପଥର ଚୋରା ଚାଲାଣ ମାମଲା: ୪ ଗିରଫ

**ଯୋଡ଼ା, ୨୩।୨(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଜରିବାହାଲ ଠାରେ ଥିବା କାଶଭି ଲୌହ ଓ ମାଙ୍ଗାନିଜ ଖଣିରୁ ଅନଧିକାର ପ୍ରବେଶ କରି ଲୁହାପଥର ଚୋରା ଚାଲାଣ କରୁଥିବାବେଳେ ପୋଲିସ ୨ଟି ଟ୍ରକ ଓ ଗୋଟିଏ ବୋଲେରୋ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ କେନ୍ଦୁଝର ସଦର ଥାନା ଅନ୍ତର୍ଗତ ଟିକରପଡା ଗ୍ରାମର ରୁଦ୍ର ନାରାୟଣ ବେହେରା, ବିହାର ରାଜ୍ୟ ସୁର ଗ୍ରାମର ଦିଲ କେଶର ସିଂହ, ଅକ୍ଷୟ କୁମାର ସିଂହ ଓ ଜରିବହାଲ ଅଞ୍ଚଳର ବିଭୀଷଣ ଲାଗୁରୀ। ଏନେଇ ବାମେବାରୀ ପୋଲିସ ଏକ ମାମଲା (ନଂ.୧୯/୨୧) ରୁଜୁ କରି ତଦନ୍ତ ଜାରି ରଖିଥିବା ଥାନା ଆଇଆଇସି ରାଜେନ୍ଦ୍ର କୁମାର ସ୍ୱାଇଁ କହିଛନ୍ତି। ସୂଚନାଯୋଗ୍ୟ କି, ରବିବାର ଭୋର୍ ସମୟରେ ୨ଟି ଟ୍ରକ ଓ ଗୋଟିଏ ବୋଲେରୋ ଉକ୍ତ ଖଣି ମଧ୍ୟକୁ ପ୍ରବେଶ କରି ଲୁହାପଥର ବୋଝେଇ କରି ଓଜନ କଣ୍ଟାରେ ଓଜନ କରିବା ପରିବର୍ତ୍ତେ ଚୋରା ଲୁହାପଥର ଚାଲାଣ ଉଦ୍ୟମ କରୁଥିବା ବେଳେ ଗେଟ୍ ନିକଟରେ ସୁରକ୍ଷାକର୍ମୀ ମାନେ ଧରି ପୋଲିସ୍‌କୁ ଖବର ଦେଇଥିଲେ ।

# ପରସିଙ୍ଗାରେ ଗଣିତ ହାଟ



ହାଟରେ ପିଲାଙ୍କ ଦ୍ୱାରା ଖୋଲା ଯାଇଥିବା ଦୋକାନ।

**ଭଦ୍ରକ ଅଫିସ, ୨୩।୨**

ଭଦ୍ରକ ସହର ଉପକଣ୍ଠ ଚରମ୍ପା ପରସିଙ୍ଗା ପଞ୍ଚାୟତ କୁନ୍ତଳା ଗ୍ରାମର ଶ୍ରୀ ଶ୍ରୀ ଶୁକମୁନି ଯୁବ ପରିଷଦ ଓ ନାରୀ ପ୍ରଗତି ମଞ୍ଚ ପକ୍ଷରୁ 'ଗଣିତକୁ ଆଉ ଡରିବୁ ନାହିଁ ଗଣିତ କରିବୁ ହାଟକୁ ଯାଇ' ନାରାବାଜି ରଖି ସୋମବାର ପରସିଙ୍ଗା ଗ୍ରାମ ଶିବମନ୍ଦିର ନିକଟରେ ଗଣିତ ହାଟ କରାଯାଇଥିଲା। ଛୋଟ ପିଲାମାନେ ଏଥିରେ ଯୋଗଦେଇ ଗୁପ୍‌ଚୁପ୍, ବୁକ୍‌ଷ୍ଟୋର, ବସ୍ତ୍ର, ଆଚାର, ବାଦାମ, ଲଙ୍କାଚପ୍ ଆଦି ଛୋଟ ଛୋଟ ଦୋକାନ ଖୋଲିଥିଲେ। ଏଭଳି ହିସାବ ମାଧ୍ୟମରେ ଗଣିତ ଭଲ ଭାବେ ବୁଝିପାରୁଥିବା ପିଲାମାନେ ମତପ୍ରକାଶ କରିଥିଲେ। ଅପରାହ୍ନ ୩ଟାରୁ ୬ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲୁ ରହିଥିଲା। ସଙ୍ଗଠନର ସମସ୍ତ ସଦସ୍ୟ ଉପସ୍ଥିତ ରହି ପିଲାଙ୍କୁ ଗଣିତ ଶିକ୍ଷା ପ୍ରଦାନ କରିଥିଲେ।

# ରୋଭର୍ସ କପ୍ ଫୁଟବଲ୍: ଭଦ୍ରକ ଚାମ୍ପିୟନ

**ଭଦ୍ରକ ଅଫିସ,୨୩।୨**



ଉଭୟ ଦଳର ଖେଳାଳିଙ୍କ ସହ ବିଧାୟକ ସଞ୍ଜୀବ ମଲ୍ଲିକ ପରିଚିତ ହେଉଛନ୍ତି।

ଭଦ୍ରକ ପୁରୁଣାବଜାର ସ୍ଥିତ ମହାବୀର ପଡ଼ିଆରେ ରୋଭର୍ସ କ୍ଲବ ଆନୁକୂଲ୍ୟରେ ଆୟୋଜିତ ରୋଭର୍ସ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଯାଜପୁର ମହାଲକ୍ଷ୍ମୀ ଫୁଟ୍‌ବଲ ଟିମ୍‌କୁ ହରାଇ ଭଦ୍ରକ ରୋଭର୍ସ କ୍ଲବ ଚାମ୍ପିୟନ ହୋଇଛି। ଚାନ୍ଦବାଲି ଫୁଟ୍‌ବଲ ଟିମ୍, ୟୁନାଇଟେଡ୍ କ୍ଲବ, ମାର୍କୋଣା, ବାସୁଦେବପୁର, ଯାଜପୁର ମହାଲକ୍ଷ୍ମୀ ଟିମ୍, ବୈତରଣୀ ଫୁଟ୍‌ବଲ ଟିମ୍, ରୋଭର୍ସ କ୍ଲବ ଓ ହରିପୁର ଫୁଟ୍‌ବଲ କ୍ଲବ ଏଥିରେ ଭାଗ ନେଇଥିଲେ। ଫାଇନାଲରେ ରୋଭର୍ସ କ୍ଲବ ୧-୦ ଗୋଲରେ ଯାଜପୁରକୁ ପରାସ୍ତ କରିଥିଲା। ରୋଭର୍ସ କ୍ଲବ ପକ୍ଷରୁ ମହମ୍ମଦ ସରଫରାଜଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କୃତ କରାଯାଇଥିଲା। ମୀର୍ଜା ଇଜାଜ ବେଗ, ଶେଖ୍ ଜୁଲଫୁକାର, ମନୋରଞ୍ଜନ ବାରିକ ଏବଂ ତାଜୁଦ୍ଦିନ ଖାଁ ରେଫେରୀ ଭାବେ ମ୍ୟାଚ୍ ପରିଚାଳନା କରିଥିଲେ।

ମୁଖ୍ୟଅତିଥି ବିଧାୟକ ସଞ୍ଜୀବ ମଲ୍ଲିକ, ଅନ୍ୟତମ ଅତିଥି ବିଜେଡି ନଗର ସଭାପତି ତାହେର ମହମ୍ମଦ, ଶେଖ ନିଜାମୁଦ୍ଦିନ, ଇକବାଲ ଖାଁ, ବାଇଧର ସାହୁ ପ୍ରମୁଖ ଚାମ୍ପିୟାନ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। ରୋଭର୍ସ କ୍ଲବ ସଭାପତି ହାଜି କାଶିମ ଖାଁ, ହାଜି ଅନୱର ହୋସେନ, ଏସ୍.ଏମ୍. ଫାରୁକ, ଅବୁ ହୋସେନ ଖାଁ, ସବିର ଅଲୀ, ସେର ଖାଁ, ମଲ୍ଲିକ ଇସ୍‌ଲାମ, ମତଲୁବ ଅଲୀ ପ୍ରମୁଖ ପରିଚାଳନା କରିଥିଲେ।

# ବାଲ୍ୟବିବାହ ନିରାକରଣ ସମ୍ପର୍କିତ କର୍ମଶାଳା

**କେନ୍ଦୁଝର, ୨୩।୨ (ସ୍ୱ.ପ୍ର./ଡି.ଏନ୍.ଏ.)**

ସ୍ଥାନୀୟ ସଦର ବ୍ଲକ ସଭାଗୃହରେ ସୋମବାର ବାଲ୍ୟ ବିବାହ ନିରାକରଣ ଓ ପୋକ୍ସୋ ଆଇନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଆଇଡିଏ ସଂସ୍ଥା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଆରତୀ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଅତିରିକ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀ ଅକ୍ଷୟ କୁମାର ପିଙ୍ଗୁଆ, ଆଇଡିଏର ପରାମର୍ଶଦାତା ପବିତ୍ର ମୋହନ ମିଶ୍ର ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ଝରଣା ଦାସ, ଜୁଭେନାଇଲ ଜଷ୍ଟିସ ବୋର୍ଡର ସଦସ୍ୟ ବିରଞ୍ଚି ନାରାୟଣ ପାତ୍ର ଓ ମୋନାଲିସା, ଶିଶୁ ଅଧିକାର କର୍ମୀ ଭକ୍ତବତ୍ସଳ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

# ବଡ଼ସାହି ଲ୍ୟାମ୍ପସ୍ ଏମ୍‌ଡି ନିଲମ୍ବିତ

**ବାରିପଦା ଅଫିସ,୨୩।୨**

କର୍ତ୍ତବ୍ୟରେ ଅବହେଳା ଓ ମନମୁଖି କାର୍ଯ୍ୟକଳାପ ପାଇଁ ମୟୂରଭଞ୍ଜ ଜିଲା ବଡ଼ସାହି ବୃହଦକାର ବହୁମୁଖି ସମବାୟ ସମିତି (ଲ୍ୟାମ୍ପସ୍)ର ପରିଚାଳିକା ଗୀତିସ୍ମିତା ସାହୁଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ଓଡ଼ିଶା କୋ-ଅପରେଟିଭ୍ ସୋସାଇଟିର ଆଡ୍‌ମିଷ୍ଟ୍ରେଟର ତୁଷାରକାନ୍ତି ମହାନ୍ତି ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ଚିଠିନଂ.୨୬୩/୨୨ରେ ନିର୍ଦ୍ଦେଶ ଦିଆଯାଇଛି। ଲ୍ୟାମ୍ପସ୍ ପରିଚାଳନାରେ ତ୍ରୁଟିଗତ ସମସ୍ୟାକୁ ନେଇ ବିଭାଗ ପକ୍ଷରୁ ଦିଆଯାଇଥିବା ଚିଠିର ଉତ୍ତର ଦେଇ ନ ଥିବାରୁ ତାଙ୍କ ବିରୋଧରେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସୂଚନା ମିଳିଛି। ପରବର୍ତ୍ତୀ ନିର୍ଦ୍ଦେଶ ନ ମିଳିବା ପର୍ଯ୍ୟନ୍ତ ମୁଖ୍ୟାଳୟ ଛାଡ଼ି ନ ଯିବା ଓ ଲ୍ୟାମ୍ପସ୍‌ରେ ଥିବା ଭଗବାନ ସାମନ୍ତରାୟଙ୍କୁ ସମସ୍ତ ଦାୟିତ୍ୱ ହସ୍ତାନ୍ତର କରିବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲା ଭାଜପା

## ଧାନମଣ୍ଡିରେ ଅବ୍ୟବସ୍ଥା

**ଚମ୍ପୁଆ, ୨୩।୨(ଡି.ଏନ.ଏ)**

ଧାନ ମଣ୍ଡିରେ ବଢୁଥିବା ଅବ୍ୟବସ୍ଥାକୁ ବିରୋଧ କରି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମୁରଲି ମନୋହର ଶର୍ମା ଓ ରାଜ୍ୟ ଉପସଭାପତି ସୁକେଶି ଓରାମଙ୍କ ନେତୃତ୍ୱରେ ସୋମବାର ଚମ୍ପୁଆ ଓ ପାଟଣା ନିର୍ବାଚନ ମଣ୍ଡଳି ଭାଜପା ପକ୍ଷରୁ ଚମ୍ପୁଆ ଉପଜିଲାପାଳ କାର୍ଯ୍ୟାଳୟ ଘେରାଉ କରିବା ସହିତ ଉପଜିଲାପାଳ ପ୍ରତାପ ପ୍ରିତିମୟଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଘେରାଉରେ ଭବାନି ଶଙ୍କର ନାଏକ, ଜିଲା ସଭାପତି ଅଂଶୁମାନ ସବୁଜବର୍ମା, ସମ୍ପାଦକ ଅନୁବ୍ରତ ବେହେରା ସମେତ ପାଟଣା ଓ ଚମ୍ପୁଆର ନେତୃମଣ୍ଡଳି ଏଥିରେ ସାମିଲ ହୋଇଥିଲେ। ଚମ୍ପୁଆ ଓ ପାଟଣା ଠାରେ ଖୋଲାଯାଇଥିବା ମଣ୍ଡି ଗୁଡିକରେ ଧାନର ଅଭାବି ବିକ୍ରି ଚାଷୀଙ୍କୁ ଚିନ୍ତାରେ ପକାଇଦେଇଛି। ଟୋକନ ଧରି ମଣ୍ଡିରେ ଜଗିରହିଥିଲେବି ଧାନ ବିକ୍ରି କରିପାରୁ ନାହାନ୍ତି। ସୂଚନା ଯୋଗ୍ୟକି ଚମ୍ପୁଆରେ ୬ ଗୋଟି ଧାନମଣ୍ଡି ଖୋଲାଯାଇଥିବା ବେଳେ ମୋଟ ୨୧୭୧ଜଣ କୃଷକ ନାମ ପଞ୍ଜିକରଣ କରିଛନ୍ତି। ଏମାନଙ୍କ ମଧ୍ୟରୁ ମାତ୍ର ୧୦୯୯ଜଣଙ୍କ ଠାରୁ ଧାନ ସଂଗ୍ରହ କରାଯାଇଛି। ମଣ୍ଡିର ଟୋକନ ଅନୁସାରେ ୫୭ହଜାର ୭୯କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ରଖାଯାଇଥିବା ବେଳେ ୩୨ହଜାର ୨୫୩ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ଅନ୍ୟ ଚାଷୀମାନେ ଟୋକନ ଧରି ବୁଲୁଥିବା ବେଳେ ମିଲର ଦ୍ୱାରା ଶୋଷଣର ଶିକାର ହେଉଥିବା ସୂଚନା ଦେଇଛନ୍ତି। ରାଜ୍ୟ ସରକାର ତୁରନ୍ତ ଏହାର ସମାଧାନ ନ କଲେ ଉପଜିଲାପାଳ କାର୍ଯ୍ୟାଳୟ ଆଗରେ ଧାନ ଢଳା ହେବ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶର୍ମା ସୂଚନା ଦେଇଛନ୍ତି।

# ଗାଡ଼ି ଧକ୍କାକୁ କେନ୍ଦ୍ରକରି ଯୁବକଙ୍କୁ ହତ୍ୟା ଘଟଣା: ୩ ଗିରଫ

**ଯୋଡ଼ା,୨୩।୨(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଯୋଡ଼ା ସହରର କମାରଯୋଡ଼ା-ବିଚାକୁଣ୍ଡି ରାସ୍ତା କଡ଼ରେ ଥିବା ଏକ ଠିକାସଂସ୍ଥା କାର୍ଯ୍ୟାଳୟ ସମ୍ମୁଖରେ ଗାଡ଼ି ଧକ୍କାକୁ କେନ୍ଦ୍ର କରି ଜଣେ କର୍ମଚାରୀଙ୍କୁ ହତ୍ୟା ଓ ଅନ୍ୟ ୨ଜଣଙ୍କୁ ଗୁରୁତର ଆହତ କରିବା ମାମଲାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏଥିରେ ଜଣେ ନାବାଳକଙ୍କର ସମ୍ପୃକ୍ତି ଯାଡା ଥାନା ଆଇଆଇସି ରାଇସେନ ମୁର୍ମୁ କହିଛନ୍ତି। ଅଭିଯୁକ୍ତ ୩ ଜଣ ହେଲେ କମାରଯୋଡା ଅଞ୍ଚଳର ବାଦଲ ପାତ୍ର, ସତ୍ୟନାଥ ପାତ୍ର, କୋଇଡା ଥାନା କଳମଙ୍ଗ ଅଞ୍ଚଳର ଜିତୁ ମୁଣ୍ଡା। ଅଭିଯୁକ୍ତ ନାବାଳକଙ୍କୁ ବାଳସ୍ୱଧାର ଗୃହକୁ ପଠାଯିବ ବୋଲି ଆଇଆଇସି ମୁର୍ମୁ ସୂଚନା ଦେଇଛନ୍ତି।

# ଫାଇଲେରିଆ ନିରାକରଣ ଲାଗି ସକ୍ରିୟ ସହଯୋଗ ଆବଶ୍ୟକ




କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଅଶୋକ ଦାସଙ୍କ ସହ ଅନ୍ୟମାନେ।

**କେନ୍ଦୁଝର, ୨୩।୨(ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଜିଲାରେ ଫାଇଲେରିଆ ନିରାକରଣ ନିମନ୍ତେ ସମୂହ ବଟିକା ସେବନ କାର୍ଯ୍ୟକ୍ରମ ଚଳିତ ଫେବୃୟାରୀ ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଳୟର ଡିଟିୟୁ. ହଲ୍‌ଠାରେ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ ଅଶୋକ କୁମାର ଦାଶ ବିଶଦ ଭାବେ ସୂଚନା ପ୍ରଦାନ କରି ଏ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ସମସ୍ତଙ୍କ ସକ୍ରିୟ ସହଯୋଗ କାମନା କରିଥିଲେ। ଏହି ମଶା ବାହିତ ରୋଗକୁ ୨୦୨୨ ମସିହା ସୁଦ୍ଧା ଦେଶରୁ ସମ୍ପୂର୍ଣ୍ଣ ମୁକ୍ତ କରିବାକୁ ସରକାର ଲକ୍ଷ୍ୟଧାର୍ଯ୍ୟ କରିଥିବା ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମ ଆମ କେନ୍ଦୁଝର ଜିଲା ପାଇଁ ପ୍ରଥମ ଥର କାର୍ଯ୍ୟକାରୀ ହେବାକୁ ଯାଉଛି। ୨ ବର୍ଷରୁ କମ୍ ଶିଶୁ, ଗର୍ଭବତୀ ମହିଳା ଏବଂ ଅତ୍ୟନ୍ତ ରୋଗାଗ୍ରସ୍ତ ବ୍ୟକ୍ତି ଏହି ବଟିକା ସେବନ କରିବେ ନାହିଁ । ଅନ୍ୟ ସମସ୍ତ ହିତାଧିକାରୀଙ୍କୁ ବୟସ ଅନୁସାରେ ଏହି ବଟିକା ଖାଇବାକୁ ଦିଆଯିବ ବୋଲି କହିଥିଲେ। ଏହି ଅବସରରେ ଅତିରିକ୍ତ ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାଃ ଦେବେନ୍ ଦାସ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା କାର୍ଯ୍ୟକ୍ରମ ପରିଚାଳକ ଦିଲୀପ କୁମାର ଦୁବେ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର କେନ୍ଦୁଝର ଜୋନାଲ୍ କୋଅର୍ଡିନେଟର ଡ. ଦେବକାନ୍ତ ନାଏକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ କିପରି ସୁଚାରୁରୂପେ ସମ୍ପାଦନ କରାଯାଇପାରିବ ସେଥି ନିମନ୍ତେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

# ଥଇଥାନ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ

**ବାଲେଶ୍ୱର ଅଫିସ, ୨୩।୨**



ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଉଚ୍ଛେଦ ହୋଇଥିବା ବସ୍ତିବାସିନ୍ଦା।

ବାଲେଶ୍ୱର ସହରସ୍ଥିତ ଭାସ୍କରଗଞ୍ଜ (ଖ) ୱାର୍ଡ଼ ନଂ. ୨୧ ଅଞ୍ଚଳରେ ରେଳ ଓଭରବ୍ରିଜ୍ ନିମନ୍ତେ ୨୦୧୯ ଅକ୍ଟୋବର ୧୪ ତାରିଖରେ ନିକଟସ୍ଥ ବସ୍ତିକୁ ଉଚ୍ଛେଦ କରାଯାଇଥିଲା। ଉଚ୍ଛେଦ ସମୟରେ ସେମାନଙ୍କୁ 'ଅର୍ବାନ ଲ୍ୟାଣ୍ଡ ରାଇଟ୍‌ସ' ଯୋଜନାରେ ସହର ଭିତରେ ଥିବା ଅନ୍ୟ ଅଞ୍ଚଳରେ ଥଇଥାନ କରିବା ଲାଗି ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲା। ଅଦ୍ୟାବଧି ସେମାନେ ବାସଗୃହ ହରାଇ ଭଡ଼ା ଘର ନେଇ ରହିଆସୁଛନ୍ତି। ରେଲଷ୍ଟେଶନ ଉପରେ ବିଭିନ୍ନ ପ୍ରକାର ବ୍ୟବସାୟ କରି ପରିବାର ଭରଣପୋଷଣ କରିଆସୁଥିବା ବେଳେ ମହାମାରୀ କରୋନା ନିମନ୍ତେ ଜୀବିକା ହରାଇବାକୁ ପଡ଼ିଛି। ଅନ୍ୟପକ୍ଷରେ ଘରଭଡ଼ା ଦେବାକୁ ସେମାନେ ଅକ୍ଷମ। ଉପାୟ ନ ପାଇ ସୋମବାର ଉଚ୍ଛେଦ ହୋଇଥିବା ପରିବାର ଲୋକେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଦ୍ୱାରସ୍ଥ ହୋଇ ଥଇଥାନ ନିମନ୍ତେ ଦାବିପତ୍ର ପ୍ରଦାନ କରିଛନ୍ତି। ଗୀତାଞ୍ଜଳି ପୋଥାଳ, ଶକୁନ୍ତଳା ଦାସ, କଲ୍ୟାଣୀ ବାରିକ, ଜାନକୀ ଦେବୀ ସିଂହ ଓ ମେନକା ଦାସ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ଜୀବନୀ ପୁସ୍ତକ ଲୋକାର୍ପିତ

**ବାରିପଦା ଅଫିସ,୨୩।୨**

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୦ତମ ଜୟନ୍ତୀ ବର୍ଷ ପୂର୍ତ୍ତି ଉତ୍ସବ ଉପଲକ୍ଷେ ସୋମବାର ବେଲଗଡ଼ିଆସ୍ଥିତ ରାଜବାଟୀ ପରିସରରେ ତାଙ୍କ ଜୀବନୀ ପୁସ୍ତିକା ଉନ୍ମୋଚିତ ହୋଇଛି। ଶ୍ରୀରାମଚନ୍ଦ୍ରଙ୍କର ଅଣନାତି ତଥା ପୂର୍ବତନ ମନ୍ତ୍ରୀ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଲୋକାର୍ପଣ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବଳାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା ଶରତ ଚନ୍ଦ୍ର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କବି ବୃନ୍ଦାବନ ଚନ୍ଦ୍ର ଦାଶ, ରାଜକୁମାରୀ ମ୍ଲିଣାଳିକା ମଞ୍ଜରୀ ଭଞ୍ଜଦେଓ, ଅବସରପ୍ରାପ୍ତ ପ୍ରାଧ୍ୟାପକ ସ୍ୱରୂପ କୁମାର ପଟ୍ଟନାୟକ, ଲେଖକ ଆଶିଷ କୁମାର ବସା ପ୍ରମୁଖ ମହାରାଜାଙ୍କ ଗୁଣାବଳୀ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଗୋବିନ୍ଦ ଚନ୍ଦ୍ର ମହାନ୍ତଙ୍କ ଦ୍ୱାରା ଲିଖିତ ଓ ଅକ୍ଷର ପବ୍ଲିକେଶନ ଦ୍ୱାରା ପ୍ରକାଶିତ ମହାରାଜାଙ୍କ ଜୀବନୀ ପୁସ୍ତକ ଉନ୍ମୋଚିତ ହୋଇଥିଲା। ସମାଜସେବୀ ଛୋଟେଲାଲ ମହାନ୍ତଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ସାହିତ୍ୟିକ ସୁବାସ ଚନ୍ଦ୍ର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୁକୁମାର ଦାସ, ଗୌରାଙ୍ଗ ଚରଣ ଗିରି, ଶିରିଶ ଚନ୍ଦ୍ର ମହାନ୍ତ, ଦେବବ୍ରତ ସାମଲ, ଭୀମଚରଣ ସିଂ, ଗନ୍ଧମାର୍ଦ୍ଦନ ଦେହୁରୀ ଓ ପ୍ରଫୁଲ୍ଲ ଭକ୍ତା ପ୍ରମୁଖ ସହଯୋଗ କରିଥିଲେ।

## ବିଲରୁ ମିଳିଲା ଭାଲୁର ମୃତଦେହ

ସଜନାଗଡ଼, (ଡି.ଏନ.ଏ.)-ବାଲେଶ୍ୱର ଜିଲା ନୀଳଗିରି ରେଞ୍ଜ ଅଧୀନରେ ଏକ ଭାଲୁ ବିଲରେ ପଡ଼ି ମୃତ୍ୟୁବରଣ କରିଛି। ମହିଷାପଟା ପଞ୍ଚାୟତ ଗୁଜୁଡିହା ଗ୍ରାମର ଏକ ବିଲ ମଧରେ ମୃତ ଭାଲୁକୁ ଅଞ୍ଚଳବାସୀ ଦେଖି ରେଞ୍ଜରଙ୍କୁ ଜଣାଇଥିଲେ। ନୀଳଗିରି ରେଞ୍ଜର ମନୱାର ଖାଁ ପହଞ୍ଚି ମୃତ ଭାଲୁକୁ ଜବତ କରି ପ୍ରାଣୀ ଡାକ୍ତରଙ୍କ ଦ୍ୱାରା ବ୍ୟବଚ୍ଛେଦ କରାଇଛନ୍ତି। ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ରେଞ୍ଜର କହିଛନ୍ତି।

## ଆଜି କ'ଣ କେଉଁଠି

ଭଦ୍ରକ

- ଭାଜପାର ମିଶ୍ରଣ ପର୍ବ। ସ୍ଥାନ-ବନ୍ତ ବ୍ଲକ ଓଡ଼ଙ୍ଗ, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପା ରାଜ୍ୟ ସଭାପତି,ସମ୍ପାଦକ, ବିରୋଧୀ ଦଳ ଉପନେତାଙ୍କ ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳ ଗସ୍ତ। ସ୍ଥାନ- ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନ, ସମୟ : ଅପରାହ୍ନ ୪ ଟା
- ଦିବାକର ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ। ସ୍ଥାନ- ନୀଳମଣି ମିନିଷ୍ଟାଡିୟମ, ଶୁଙ୍ଗୁଡ଼ା, ବାସୁଦେବପୁର। ସମୟ: ଅପରାହ୍ନ ୩ ଟା।
- କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ମହାପ୍ରୟାଣ ଦିବସ। ସ୍ଥାନ- ବାଇପାସ୍, ଭଦ୍ରକ। ସମୟ: ପୂର୍ବାହ୍ନ ୯.୩୦ ଘଟିକା।
- ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା। ସ୍ଥାନ- ଭଦ୍ରକ ପୌରପରିଷଦ ଅଫିସ। ସମୟ: ଅପରାହ୍ନ ୩ ଘଟିକା।

ମୟୂରଭଞ୍ଜ

- ବାବା ଶୀତଳେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ। ସ୍ଥାନ-ବେତନଟୀ ବ୍ଲକ ଡେଙ୍ଗଫଉଦା, ସମୟ: ପୂର୍ବାହ୍ନ ୧୦ ଘଟିକା

# ବତୀଘର ସ୍ଥାନ ନିରୂପଣକୁ ବିରୋଧ

### ଅଧାବାଟରୁ ଫେରିଲେ ତହସିଲଦାର

**ବାଲିଆପାଳ, ୨୩।୨(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଡଗରା ବେଳାଭୂମିରେ ମଙ୍ଗଳବାର ବତୀ ଘର ନିର୍ମାଣ ଲାଗି ତହସିଲଦାର ଦୀପକ କୁମାର ଦାଶ ସ୍ଥାନ ନିରୂପଣ କରିବାକୁ ଯାଇଥିବା ବେଳେ ଭିଟାମାଟି ସୁରକ୍ଷା କମିଟି ସଦସ୍ୟଙ୍କ ସମେତ ଅଞ୍ଚଳବାସୀ ମିଳିତ ହୋଇ ବିରୋଧ କରିଥିଲେ। ଫଳରେ ତହସିଲଦାରଙ୍କୁ ହଟହଟା ହୋଇ ଅଧାବାଟରୁ ଫେରିବାକୁ ପଡିଥିଲା।

ଏହି ବେଳାଭୂମିରେ ପ୍ରତ୍ୟେକ ଦିନ ଶହ ଶହ ମତ୍ସ୍ୟଜୀବୀ ଡଙ୍ଗା ନେଇ ସମୁଦ୍ରରୁ ମାଛ ଧରି ଜୀବିକା ନିର୍ବାହ କରୁଛନ୍ତି। ଦିନକୁ ଦିନ ମାଛ କମିଯାଉଥିବାରୁ ମତ୍ସ୍ୟଜୀବୀମାନଙ୍କୁ ଗଭୀର ସମୁଦ୍ରକୁ ଯାଇ ମାଛ ଧରିବାକୁ


ବିରୋଧୀଙ୍କୁ ବୁଝାଶୁଝା କରୁଛନ୍ତି ବାଲିଆପାଳ ଥାନା ଆଇଆଇସି।

ପଡୁଛି। ପ୍ରାକୃତିକ ଦୁର୍ବିପାକ ସମୟରେ ଅନେକ ମତ୍ସ୍ୟଜୀବୀ ଦିଗହରା ହୋଇ ବହୁ କଷ୍ଟରେ କୂଳକୁ ଫେରୁଥିବା ଦେଖିବାକୁ ମିଳୁଛି। ମତ୍ସ୍ୟଜୀବୀଙ୍କ ଜୀବନ ସୁରକ୍ଷା ନିମନ୍ତେ ସରକାର ବେଳାଭୂମିରେ ଏକ ବତୀଘର ନିର୍ମାଣ କରିବାର ସିଦ୍ଧାନ୍ତ ନେଇଛନ୍ତି। ଉକ୍ତ ବତୀଘର ନିର୍ମାଣ ପାଇଁ ବାଲିଆପାଳ ତହସିଲଦାର ଦାଶ ମଙ୍ଗଳବାର ଜାମକୁଣ୍ଡା ରାଜସ୍ୱ ନିରିକ୍ଷକଙ୍କ ସହିତ ବେଳାଭୂମିରେ ସ୍ଥାନ ନିରୂପଣ କରିବାକୁ ଯାଇଥିଲେ। ଡଗରା ବଡ଼ଗୁମୁଟି ଛକରେ ଭିଟାମାଟି ସୁରକ୍ଷା କମିଟିର ସଦସ୍ୟମାନଙ୍କ ସହିତ ଅଞ୍ଚଳବାସୀ ମିଳିତ ହୋଇ ଅଟକାଇଥିଲେ। ବାଲିଆପାଳ ଥାନା ଆଇଆଇସି ବିମଳ କୁମାର ନାୟକ ସଦଳବଳେ ପହଞ୍ଚି ବିରୋଧକାରୀମାନଙ୍କୁ ବୁଝାଶୁଝା କରିଥିଲେ ମଧ ଫଳ କିଛି ମିଳି ନ ଥିଲା। ଲୋକମାନେ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ବେଳାଭୂମି ଯାଏ ଯିବାକୁ ନ ଦେଇ ବାଟରୁ ଫେରାଇ ଦେଇଥିଲେ।

# ସମବାୟ ସମିତି ଆଗରେ ଚାଷୀଙ୍କ ହୋହଲ୍ଲା

### ୮୦୫ ଚାଷୀ ଧାନ ବିକି ନ ପାରି ନିରାଶ

**ବାସୁଦେବପୁର,୨୩।୨(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବିରସ ସ୍ଥିତ ବିଦେଇପୁର ସେବା ସମବାୟ ସମିତିର ୮୦୫ ଚାଷୀ ସେମାନଙ୍କ ଧାନ ବିକ୍ରି କରି ପାରୁ ନ ଥିବା ଅଭିଯୋଗ କରିଛନ୍ତି। ନିରାଶ ଚାଷୀ ମଙ୍ଗଳବାର ସମିତି କାର୍ଯ୍ୟାଳୟ ଆଗରେ ହୋହଲ୍ଲା କରିବା ସହ ବିରସ ଛକଠାରେ ରାସ୍ତାରୋକୋ କରିଥିଲେ। ଖବର ପାଇ ନାୟକାଣିଡ଼ିହୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା।

ସୂଚନା ଅନୁଯାୟୀ, ଏହି ସେବା ସମବାୟ ସମିତିରେ ୨୩ ତାରିଖ ସୁଦ୍ଧା ୪୫ ହଜାର କୁଇଣ୍ଟାଲ ଧାନ କ୍ରୟ ପାଇଁ ଲକ୍ଷ୍ୟଧାର୍ଯ୍ୟ ଥିବା ବେଳେ ଏହି ପରିମାଣର ଧାନ ଚାଷୀଙ୍କଠାରୁ କ୍ରୟ ସରିଛି। ତେବେ ସମିତିର ପ୍ରାୟ ୮୦୫ ଚାଷୀ ସେମାନଙ୍କର ୨୭ ହଜାର କୁଇଣ୍ଟାଲ ଧାନ ବିକ୍ରି ପାଇଁ ଟୋକନ ପାଇଥିବା ସତ୍ତ୍ୱେ ଧାନ ବିକ୍ରି କରି ପାରୁ ନାହାନ୍ତି। ଏ ସମ୍ପର୍କରେ ସମିତିର ସମ୍ପାଦକ ରତିକାନ୍ତ ରାଉତଙ୍କୁ ପଚାରିବାରୁ ୭୨ ହଜାର କୁଇଣ୍ଟାଲ ଧାନକ୍ରୟ ପାଇଁ ଟୋକନ ମିଳିଥିବା ବେଳେ ସେଥିମଧ୍ୟରୁ ଟାର୍ଗେଟ ମୁତାବକ ୪୫ ହଜାର କୁଇଣ୍ଟାଲ ଧାନ କିଣା ସରିଛି। ଆଉ ୨୭ ହଜାର କୁଇଣ୍ଟାଲ ଧାନକ୍ରୟ ପାଇଁ ଟାର୍ଗେଟ ଆସିଲେ ଅବଶିଷ୍ଟ ଚାଷୀ ସୁରୁଖୁରୁରେ ଧାନ ବିକ୍ରି କରି ପାରିବେ ବୋଲି କହିଛନ୍ତି।

## ସଂକ୍ଷେପରେ

### ୧୫ କରୋନା ପଜିଟିଭ ଚିହ୍ନଟ

**ସିମୁଳିଆ, ୨୩।୨(ଡି.ଏନ୍.ଏ.):** ବାଲେଶ୍ୱର ଜିଲା ସିମୁଳିଆ ବ୍ଲକରେ ମଙ୍ଗଳବାର ୧୫ଜଣଙ୍କଠାରେ କରୋନା ଭୂତାଣୁ ଚିହ୍ନଟ କରାଯାଇଛି। ସେମାନଙ୍କ ମଧରେ ସ୍ଥାନୀୟ ଶିଳ୍ପ ତାଲିମ କେନ୍ଦ୍ରର ୭ଜଣ ଥିବାବେଳେ ଅନ୍ୟ ଏକ ଘରୋଇ ଶିକ୍ଷା ଅନୁଷ୍ଠାନର ଛାତ୍ରାବାସରେ ଥିବା ୮ଜଣ ଥିବା ଜଣାଯାଇଛି। ମଙ୍ଗଳବାର ସିମୁଳିଆରେ ୨୮୩ଜଣଙ୍କ କରୋନା ଟେଷ୍ଟ କରାଯାଇଥିଲା। ତେବେ ଏହି ଆକ୍ରାନ୍ତଙ୍କଠାରେ କୌଣସି ଲକ୍ଷଣ ଠାବ କରାଯାଇ ନ ଥିବା ବେଳେ ସେମାନଙ୍କୁ ଉପଚାର ପାଇଁ ପରାମର୍ଶ ଦିଆଯାଇଛି। ଆଣ୍ଟିଜେନ ଟେଷ୍ଟରେ ଏହି ରିପୋର୍ଟ ବାହାରିଛି ତେବେ ସେମାନଙ୍କର ଆରଟିପିସିଆର ଟେଷ୍ଟ କରାଯିବ ବୋଲି ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡା. ବିଜୟ କୁମାର ପଣ୍ଡା ସୂଚନା ଦେଇଛନ୍ତି।

### ବିଦ୍ୟୁତ୍ ବିଭାଗର ଚଢ଼ାଉ ୩ଲକ୍ଷ ଟଙ୍କା ଜରିମାନା

**ରୂପ୍ସା, ୨୩।୨(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ରୂପ୍ସା ବିଦ୍ୟୁତ୍ ସେକ୍ସନ ଅଧୀନ ବିଭିନ୍ନ ଗ୍ରାମରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ୨ଦିନ ଧରି ଚଢ଼ାଉ ଜାରି ରହିଛି। ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ସିଦ୍ଧାର୍ଥ ଶଙ୍କର ରାୟ, ଜୁନିୟର ଇଞ୍ଜିନିୟର କେକେ ଜେନା ପ୍ରମୁଖ ରୂପ୍ସା, କସିପଦା, ଓଡ଼ିଆଶାସନ ଗ୍ରାମରେ ବେଆଇନ ହୁକିଂ, ମିଟର ଟାମ୍ପରିଂ, ବାଇପାସ୍ ଆଦି ଉପାୟ ଅବଲମ୍ବନ କରି ବେଆଇନ୍ ବିଦ୍ୟୁତ୍ ବ୍ୟବହାର କରୁଥିବା ଉପଭୋକ୍ତାଙ୍କୁ ଧରପଗଡ଼ କରିଥିଲେ। ଏହିଭଳି ୨୫ଜଣ ଉପଭୋକ୍ତାଙ୍କୁ ଚିହ୍ନଟ କରି ପ୍ରାୟ ୩ଲକ୍ଷ ଟଙ୍କାର ଜରିମାନା ଧାର୍ଯ୍ୟ କରାଯାଇଥିବା କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ କେତେଜଣ ଉପଭୋକ୍ତାଙ୍କର ବିଦ୍ୟୁତ୍ ସରବରାହ ମଧ ବିଚ୍ଛିନ୍ନ କରାଯାଇଛି। ଲଗାତର ବେଆଇନ ଉପଭୋକ୍ତାଙ୍କ ଘରେ ଚଢ଼ାଉ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗୀୟ ଅଧିକାରୀ ପ୍ରକାଶ କରିଛନ୍ତି।

### ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

**ଠାକୁରମୁଣ୍ଡା,୨୩।୨(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା-ଆନନ୍ଦପୁର ରାସ୍ତାର ସାତକୋଶିଆ ନିକଟ ଘୋଡ଼ାଘାଟିଠାରେ ମଙ୍ଗଳବାର ପୂର୍ବାହ୍ନ ୧୦.୩୦ରେ ଏକ ଦୁର୍ଘଟଣାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଆନନ୍ଦପୁର ଥାନା ଅନ୍ତର୍ଗତ କାଠକଟା ଗ୍ରାମର ଦୁନ୍ଧି ହନହଗା। ଠାକୁରମୁଣ୍ଡା ବ୍ଲକ ଜରକ ପଞ୍ଚାୟତ ଅନ୍ତର୍ଗତ ଖୁଦିଶିଳା ଗ୍ରାମରେ ଥିବା ଭଉଣୀ ଘରକୁ ଆସୁଥିବା ବେଳେ ସେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

### ସମବାୟ ସମ୍ପାଦକ ନିଲମ୍ବିତ

**ଭଦ୍ରକ ଅଫିସ, ୨୩।୨:** ଧାନକିଣାରେ ଅନିୟମିତତା କାରଣରୁ ରାହାଞ୍ଜ ସମବାୟ ସମିତିର ସମ୍ପାଦକଙ୍କୁ ମଙ୍ଗଳବାର ନିଲମ୍ବିତ କରାଯାଇଛି। ଏନେଇ ବାଲେଶ୍ୱର (ଡିଆର୍‌ସିଏସ୍) ସମବାୟ ଉପନିବନ୍ଧକ ରାହାଞ୍ଜ ସମବାୟ ସମିତିର ସମ୍ପାଦକ ତିଳୋତ୍ତମା ମହାନ୍ତିଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି ଏବଂ ତାଙ୍କ ବିରୋଧରେ ଥାନାରେ ଏତଲା ଦାଏର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେ ସରକାରୀ ନିର୍ଦ୍ଦେଶାନାମାକୁ ଅବମାନନା କରିଥିବାର ଏକ ଭିଡିଓ ଟୁଇଟର୍‌ରେ ଭାଇରାଲ ହୋଇଥିଲା।

# ମାଟିତଳୁ ବାହାରିଲା ସାନ ପୁଅର ମୃତଦେହ

### ଘରେ ପୋତା ହୋଇଥିଲା

**ବାହାନଗା, ୨୩।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ପଥରପେଣ୍ଠ ଗ୍ରାମର ଜଣେ ଯୁବକଙ୍କୁ ତାଙ୍କ ମା' ଓ ବଡଭାଇ ଜୀବନରୁ ମାରିଦେବା ପରେ ଘର ଭିତରେ ପୋତି ଦେଇଥିଲେ। ଏହି ଘଟଣା ସୋମବାର ଜଣାପଡିବା ପରେ ପୋଲିସ ତାଙ୍କ ମା' ଓ ବଡଭାଇଙ୍କୁ ଥାନାକୁ ଆଣି ପଚରାଉଚୁରା କରିଥିଲା। ମଙ୍ଗଳବାର ସୋର ପୋଲିସ୍ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଘର ଭିତରୁ ମାଟି ଖୋଳି ସାନପୁଅର ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏନେଇ ସୋର ଥାନାରେ ମୃତ ବଳରାମ ଯେନାଙ୍କ ସ୍ତ୍ରୀ ଲକ୍ଷ୍ମୀ ଅଭିଯୋଗ କରିଛନ୍ତି। ତାଙ୍କ ସ୍ୱାମୀଙ୍କୁ ଶାଶୁ ଓ ଦେଢଶୁର ମାରିଦେଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ୍ ଏକ ହତ୍ୟା ମାମଲା (ନଂ.୭୭/୨୧) ରୁଜୁ କରି ତଦନ୍ତ


ମୃତ ବଳରାମ। (ଫାଇଲ ଫଟୋ)

ଚଳାଇଛି। ହତ୍ୟାକାରୀ ମା' ଓ ବଡପୁଅଙ୍କୁ ପୋଲିସ ଗିରଫ କରିଛି। ଘରୋଇ କଳିକୁ ନେଇ ଏଭଳି କାଣ୍ଡ ଘଟଥିବା ପୋଲିସ ଅନୁମାନ କରିଛି। ତଦନ୍ତ ପରେ ପ୍ରକୃତ କାରଣ ଜଣାପଡିବ ବୋଲି ସୋର ଥାନା ଅଧିକାରିଣୀ ମଧୁମିତା ମହାନ୍ତି କହିଛନ୍ତି।

ଏହି ଘଟଣା ଘଟିଛି ବାହାନଗା ବ୍ଲକ ପଥରପେଣ୍ଠ ଗ୍ରାମସ୍ଥିତ ୧୬ନମ୍ବର ଜାତୀୟ ରାଜପଥ ଇଚ୍ଛାପୁର ପୋଖରୀ ଆଡିରେ ଝୁମ୍ପୁଡି କରି ରହୁଥିବା ଶୁକୁରୀଙ୍କ ପରିବାରରେ। ଗତ ୧୨ତାରିଖ ରାତି ପ୍ରାୟ ସାଢେ ୧୧ଟାରେ ସାନ ପୁଅ ବଳରାମ ମଦ୍ୟପାନ କରି ଘରେ ଆସି ମା', ବଡଭାଉଜ, ବଡଭାଇ ଜଗବନ୍ଧୁଙ୍କୁ ଗାଳିଗୁଲଜ କରିଥିଲେ। ଏହାପରେ ବଳରାମ ମା' ଶୁକୁରୀଙ୍କ ପ୍ରତିଅସଦାଚରଣ କରିବା ପାଇଁ ଉଦ୍ୟମ କରିବାରୁ ସେ ଏକ ଶାବଳରେ ତାଙ୍କ କାନମୁଣ୍ଡକୁ ପିଟି ଦେଇଥିଲେ। ଘଟଣାସ୍ଥଳରେ ବଳରାମଙ୍କ ମୃତ୍ୟୁ ହେବା ପରେ ବଡଭାଇ ଜଗବନ୍ଧୁ ଜେନା, ମା' ଶୁକୁରୀ, ବଡବୋହୂ ମିଳିତ ଭାବେ ସାନପୁଅ ରହୁଥିବା ଘର ଭିତରେ ଗାତଖୋଳି ପୋତି ଦେଇଥିଲେ। ଏହି ଘଟଣା ଜଣାପଡିବା ପରେ ପୋଲିସ ମଙ୍ଗଳବାର ବଡଭାଇ ଜଗବନ୍ଧୁଙ୍କୁ ଘଟଣାସ୍ଥଳକୁ ଆଣି ଡେମୋ କରିବା ସହିତ ଘର ଭିତରୁ ମାଟି ଖୋଳି ମୃତଦେହ ବାହାର କରିଥିଲେ। ତେବେ ତଦନ୍ତ ପାଇଁ ବାଲେଶ୍ୱରରୁ ସାଇଣ୍ଟିଫିକ୍ ଟିମ୍ ଆସିବା ସହିତ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ସୋର ଅତିରିକ୍ତ ତହସିଲଦାର ଅତନୁ ପ୍ରଧାନ ଉପସ୍ଥିତ ଥିଲେ।

# ଦୋକାନୀଙ୍କୁ ଆକ୍ରମଣ: ଟଙ୍କା, ମୋବାଇଲ ଲୁଟ୍

**ରୂପ୍ସା, ୨୩।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରୂପ୍ସା ଥାନା ଅଧୀନ ରୂପ୍ସା-ବୈଁଶିଙ୍ଗା ରାସ୍ତାର ହୀରାପୁର ସ୍କୁଲ ସମ୍ମୁଖ ଏକ ପାନ ଦୋକାନୀଙ୍କୁ ସୋମବାର ରାତିରେ ଦୁର୍ବୃତ୍ତମାନେ ତେଲେଙ୍ଗା କଟୁରୀରେ ଆକ୍ରମଣ କରି ମୋବାଇଲ ଓ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ. ୨୨/୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ହୀରାପୁର ଗ୍ରାମର ପାନ ଦୋକାନୀ ଶୁଭ୍ରାଂଶୁ ଶେଖର ସିଂହ ରାତିରେ ଦୋକାନ ବନ୍ଦ କରୁଥିବା ବେଳେ ଏକ ବାଇକ୍‌ରେ ୨ଜଣ ଦୁର୍ବୃତ୍ତ ଆସି ତାଙ୍କୁ ପାନ ଓ ସିଗାରେଟ୍ ମାଗିଥିଲେ। ସେ ଦୋକାନରୁ ସିଗାରେଟ୍ ବାହାର କରୁଥିବା ବେଳେ ଦୁର୍ବୃତ୍ତମାନେ ଦୋକାନୀଙ୍କ ମୁଣ୍ଡକୁ ତେଲେଙ୍ଗା କଟୁରୀରେ ଆକ୍ରମଣ କରି ତାଙ୍କ ମୋବାଇଲ ଓ ଟଙ୍କା ଲୁଟ୍ କରି ଚମ୍ପଟ ମାରିଥିଲେ। ରକ୍ତାକ୍ତ ଅବସ୍ଥାରେ ଆହତ ଶୁଭ୍ରାଂଶୁଙ୍କୁ ରୂପ୍ସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ରୂପ୍ସା ଅଞ୍ଚଳରେ ଛିନ୍‌ତାଇ, ଲୁଟ୍ ବୃଦ୍ଧି ପାଉଥିବାରୁ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# କ୍ଷେତ୍ରମୋହନ ସଭାପତି, ଆନନ୍ଦ ସମ୍ପାଦକ



ଅତିଥିଙ୍କ ଗହଣରେ ନୂତନ କର୍ମକର୍ତ୍ତା

### ଭାରତୀୟ ପୂର୍ବତନ ସୈନିକ ସଂଘ ନୂତନ କର୍ମକର୍ତ୍ତା

**ବାଲେଶ୍ୱର ଅଫିସ, ୨୩।୨**

ଭାରତୀୟ ପୂର୍ବତନ ସୈନିକ ସଂଘ ବାଲେଶ୍ୱର ଶାଖାର ସାଧାରଣ ଅଧିବେଶନ ସୋମବାର ଜିଲା ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଭେଟେରାନ୍ ବୈଦ୍ୟନାଥ ଆଚାର୍ଯ୍ୟ ଅଧକ୍ଷତା କରିଥିଲେ। ଇଣ୍ଡିଆନ୍ ଭେଟେରାନ୍ ଅରଗାନାଇଜେଶନ୍‌ର ଓଡ଼ିଶା ଶାଖାର ସଭାପତି ଭେଟେରାନ୍ ଅଶୋକ କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବର୍ତ୍ତମାନର ଉପସଭାପତିଙ୍କ ସ୍ୱାଗତ ଭାଷଣ ପରେ ସମ୍ପାଦକ ସମସ୍ତଙ୍କୁ ସ୍ୱାଗତ ଜଣାଇ ସଂଘର ବିବରଣୀ ପାଠ କରିଥିଲେ। ଏହାପରେ ସଂଘର ନୂତନ କର୍ମକର୍ତ୍ତାଙ୍କୁ ଚୟନ କରାଯାଇଥିଲା। ସଭାପତି ଭାବେ ଅବସରପ୍ରାପ୍ତ କର୍ଣ୍ଣେଲ୍ କ୍ଷେତ୍ରମୋହନ ମହାପାତ୍ର, ଉପସଭାପତି ଅନନ୍ତ ଚରଣ ଦାସ, ମାନସ କୁମାର ମହାପାତ୍ର, ସମ୍ପାଦକ ଆନନ୍ଦ ଚନ୍ଦ୍ର ବରାଳ, ସହ ସମ୍ପାଦକ ବିଜୟାନନ୍ଦ ଜେନା, ହେମନ୍ତ କୁମାର ଭୂୟାଁ, କୋଷାଧକ୍ଷ ଦୀନବନ୍ଧୁ ବେହେରା, ଅଭୟଲାଲ୍ ପାତ୍ର, ଲିଗାଲ୍ ଆଡ଼ଭାଇଜର୍ ଜୟନ୍ତ କୁମାର ସାହୁ ଏବଂ ମିଡିଆ ସଂଯୋଜକ କୁଞ୍ଜବିହାରୀ ବଳ ଓ ଷ୍ଟାଲିନ୍ ରାଉତଙ୍କୁ ଚୟନ କରାଯାଇଥିଲା। ସଭାପତି ସମସ୍ତ ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ ଜଣାଇ ସଂଘର ଭବିଷ୍ୟତ ପାଇଁ ଏବଂ ସମସ୍ତ ପୂର୍ବତନ ସୈନିକମାନଙ୍କୁ ଏକତ୍ର କରି ସଂଘକୁ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ସୈନିକ ସଂଘର ବାଲିଆପାଳ, ଜଳେଶ୍ୱର, ଭୋଗରାଇ, ନୀଳଗିରି ବ୍ଲକସ୍ତରୀୟ ଶାଖାର ସଭାପତି, ସମ୍ପାଦକ ଓ ସଭ୍ୟମାନେ ଉପସ୍ଥିତ ଥିଲେ।

# ମିଶନ ଶକ୍ତି ଓ ଜୀବିକା ମିଶନ ପକ୍ଷରୁ ସମନ୍ୱୟ ମେଳା


ସମନ୍ୱୟ ମେଳାରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

**ବାଲିଆପାଳ, ୨୩।୨(ସ୍ୱ.ପ୍ର.)**

ବାଲିଆପାଳ ବ୍ଲକ ପରିସରରେ ଥିବା ସଭାଗୃହ ମଧରେ ମଙ୍ଗଳବାର ମିଶନ ଶକ୍ତି ଏବଂ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ମିଳିତ ସମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ଆଇସିଡିଏସ୍‌ର ସମସ୍ତ ସୁପରଭାଇଜର, ବାଲିଆପାଳ ବ୍ଲକର ସମସ୍ତ ବ୍ୟାଙ୍କ ଶାଖା ପରିଚାଳକମାନେ ଯୋଗଦେଇଥିଲେ।

ବାଲିଆପାଳ ସିଡିପିଓ ତନୁଶ୍ରୀ ମିଶ୍ର ଯୋଗଦେଇ ମିଶନ ଶକ୍ତି ଓ ଓଡ଼ିଶା ଜୀବିକା ମିଶନର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ବୁଝାଇଥିଲେ। ବାଲିଆପାଳ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଦମୟନ୍ତୀ ପୂର୍ତ୍ତି, ବାଲିଆପାଳ ବିଶ୍ୱାସ ସ୍ୱେଚ୍ଛାସେବୀ ସଙ୍ଗଠନ ସମ୍ପାଦକ ଅଜୟ କୁମାର ସାହୁ, କୋ ଅପରେଟିଭ୍ ବ୍ୟାଙ୍କ ବାଲିଆପାଳ ଶାଖା ପରିଚାଳକ ତୁଷାରକାନ୍ତ ପାତ୍ର, ୟୁକୋ ବ୍ୟାଙ୍କ ବାଲିଆପାଳ ଶାଖା ପରିଚାଳକ ସୀତାଂଶୁ ଶେଖର ବେହେରା, ୟୁକୋ ବ୍ୟାଙ୍କ ଦେଭୋଗ ଶାଖା ପରିଚାଳକ ଶମ୍ଭୁନାଥ ଜେନା, ଗ୍ରାମ୍ୟ ବ୍ୟାଙ୍କ ବାଲିଆପାଳ ଶାଖା ପରିଚାଳକ ଉତ୍ତମ କୁମାର ପାଳ, ପ୍ରତାପପୁର ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ରଞ୍ଜିତ ଦଣ୍ଡସେନା, ବାଲିଆପାଳ ବ୍ଲକ ଜିପିଓ ରାମଚନ୍ଦ୍ର ମାରାଣ୍ଡି, ଜାମକୁଣ୍ଡା ୟୁକୋ ବ୍ୟାଙ୍କ ଶାଖା ପରିଚାଳକ ସୁଶାନ୍ତ କର, ବ୍ୟାଙ୍କ ଅଫ ଇଣ୍ଡିଆ ପକ୍ଷରୁ ସ୍ମୃତିରଞ୍ଜନ ଦାସ, ମିଶନ ଶକ୍ତିର ରାଜକିଶୋର ପ୍ରଧାନ, ଓଡ଼ିଶା ଜୀବିକା ମିଶନର ରବୀନ୍ଦ୍ର ଦାସ, ସଙ୍ଗୀତା ଦାସ, ଚନ୍ଦ୍ରିକା ସେଠୀ, ମିଶନ ଶକ୍ତିର ସୁଭଦ୍ରା ଦେ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ମେଳାରେ ବିଭିନ୍ନ ବ୍ୟାଙ୍କ ପକ୍ଷରୁ ୧୦୩ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୧କୋଟି ୯୯ଲକ୍ଷ ୭୬ହଜାର ଟଙ୍କା ଋଣ ପ୍ରଦାନ କରାଯାଇଥିବା ସୂଚନା ମିଳିଛି।

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ସୁନାଝରୀବାସୀ

**କେନ୍ଦୁଝର, ୨୩।୨ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଅନ୍ତର୍ଗତ ସୁନାଝରୀ ଗ୍ରାମର ଆଦିବାସୀ ମାନେ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ବିଭିନ୍ନ ସମସ୍ୟା ଜଣାଇଛନ୍ତି। ଉକ୍ତ ଗ୍ରାମରେ ଉନ୍ନୟନ ମୂଳକ କାମ ହୋଇ ପାରୁ ନ ଥିବାରୁ ଲୋକମାନେ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ରହିଛନ୍ତି। ବିଦ୍ୟୁତ ସଂଯୋଗ ନ ଥିବାରୁ ଅନ୍ଧାରରେ ଗ୍ରାମବାସୀ ରହୁଥିବା ବେଳେ ରାସ୍ତାଘାଟ ସମସ୍ୟା ଯୋଗୁ ଯିବାଆସିବାରେ ସମସ୍ୟା ଭୋଗୁଛନ୍ତି। ଏପରିକି ଜରୁରୀ କାଳୀନ ଆମ୍ବୁଲାନ୍ସ ସେବା ଅପହଞ୍ଚ ହୋଇ ପଡିଛି।


ଜିଲାପାଳଙ୍କ ପାଖକୁ ଆସିଥିବା ଗ୍ରାମବାସୀ।

ଗର୍ଭବତୀ ମହିଳା ଓ ରୋଗୀଙ୍କୁ ଖଟରେ ବୋହି ୪ କି.ମି. ଦୂର ନେବାପରେ ଆମ୍ବୁଲାନ୍ସରେ ପହଞ୍ଚାଯାଉଛି। ସେହିପରି ପାନୀୟ ଜଳ ସମସ୍ୟା ଯୋଗୁ ଲୋକ ମାନେ ଅକଥନୀୟ ଅସୁବିଧା ଭୋଗୁଥିବା କହିଛନ୍ତି। ଏନେଇ ପଞ୍ଚାୟତଠାରୁ ବ୍ଲକରେ ଜଣାଇଲେ ମଧ କୌଣସି ସୁଫଳ ନ ମିଳିବାରୁ ବାଧ ହୋଇ ଦୀର୍ଘ ବାଟ ଆସି ଜିଲାପାଳଙ୍କୁ ଗୁହାରୀ ଜଣାଇଥିବା କହିଛନ୍ତି।

# ବିଦ୍ୟୁତ୍ ଖୁଣ୍ଟକୁ ଧକ୍କାଦେଲା ବୋଲେରୋ

### ଜଣେ ମୃତ, ୫ ଆହତ

**ଯୋଡ଼ା,୨୩।୨(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ନଇବୁଗା-ବସନ୍ତପୁର ରାସ୍ତାରେ ଭୋଜିଖାଇ ଫେରୁଥିବା ବେଳେ ଏକ ବୋଲେରୋ ଭାରସାମ୍ୟ ହରାଇ ଓଲଟିପଡ଼ିବାରୁ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ମୋହନ ନାଏକ। ତାଙ୍କ ଘର ନହବେଡ଼ା ଗ୍ରାମରେ। ଅନ୍ୟ ୫ ଗୁରୁତରଙ୍କୁ ଚିକିତ୍ସା ପାଇଁ କେନ୍ଦୁଝର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୋମବାର ବିଳମ୍ବିତ ରାତିରେ ନଇବୁଗାଠାରୁ ଏକ ବୋଲେରୋ ଯୋଗେ ବରଯାତ୍ରୀମାନେ ରାଜବସା ଗ୍ରାମକୁ ଯାଇଥିଲେ। ସେଠାରୁ ଫେରୁଥିବା ବେଳେ ଉକ୍ତ ରାସ୍ତାରେ ଗାଡ଼ିଟି ଭାରସାମ୍ୟ ହରାଇ ଇଲେକ୍ଟ୍ରି ପୋଲକୁ ଧକ୍କା ଦେଇ ଓଲଟି ପଡ଼ିଥିଲା। ଏନେଇ ବାମେବାରୀ ଥାନାରେ ଏକ ମାମଲା (ନଂ-୨୦/୨୧) ରୁଜୁ ହୋଇଥିବା ଆଇଆଇସି ରାଜେନ୍ଦ୍ର କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

# ପୌରପାଳିକାର ସ୍ୱଚ୍ଛ ଚର୍ଚ୍ଚା ଦିବସ

**ଭଦ୍ରକ ଅଫିସ,୨୩।୨**

ଭଦ୍ରକ ପୌରପାଳିକା ପକ୍ଷରୁ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ସ୍ୱଚ୍ଛ ଚର୍ଚ୍ଚା ଦିବସ ପାଳିତ ହୋଇଛି। ସହରାଞ୍ଚଳର ସ୍ୱଚ୍ଛତା ସମୀକ୍ଷା କରାଯିବା ସହିତ ଆଗାମୀ କୋଭିଡ୍ ଦ୍ୱିତୀୟ ଲହର ପାଇଁ ସହରବାସୀଙ୍କୁ ସଚେତନ କରାଯିବା ଉପରେ ଆଲୋଚନା ହୋଇଥିଲା। ଜିଲାପାଳ ଡ. ଜ୍ଞାନରଞ୍ଜନ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସହରାଞ୍ଚଳକୁ ସ୍ୱଚ୍ଛ ରଖିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅତିରିକ୍ତ ଜିଲାପାଳ ଇନ୍ଦ୍ରମଣି ନାୟକ, ଅରୁଣ ମହାପାତ୍ର, ପିଡି ଡିଆର୍‌ଡିଏ ମଧୁସୂଦନ ଦାସ, ଉପଜିଲାପାଳ ପୀତାମ୍ବର ସାମଲ, ପୌର ନିର୍ବାହୀ ଅଧିକାରୀ ବିଚିତ୍ରାନନ୍ଦ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ


ବ୍ଲକ ସମ୍ମୁଖରେ ଧାରଣାରତ ମହିଳାମାନେ।

**ଭଦ୍ରକ ଅଫିସ/ଧାମନଗର, ୨୩।୨**

ଧାମନଗର ବ୍ଲକ ଭଗବାନପୁର ପଞ୍ଚାୟତ ମହିଳା ମହାସଂଘ ପକ୍ଷରୁ ମଙ୍ଗଳବାର ମଧାହ୍ନରେ ବ୍ଲକ ସମ୍ମୁଖରେ ଧାରଣା ଦିଆଯାଇଥିଲା। ବିଭାଗୀୟ ଅଧିକାରୀମାନେ ପହଞ୍ଚି ପୋଲିସ ଉପସ୍ଥିତିରେ ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ଧାରଣାରୁ ଉଠିଥିଲେ।

ସୂଚନା ଅନୁଯାୟୀ, ମହିଳା ସଂଘର ସିଆର୍‌ପି ଓ ଏମ୍‌ବିକେ ନିଯୁକ୍ତିରେ ଅନିୟମିତତା ତଥା ସଂଘର ଅର୍ଥ ହେରଫେର ଘଟଣାର ତଦନ୍ତ ଦାବି କରି ମହିଳାମାନେ ଧାରଣା ଦେଇଥିଲେ। ଘଟଣାସ୍ଥଳରେ ଧାମନଗର ଅତିରିକ୍ତ ବିଡିଓ ଶର୍ମିଷ୍ଠା ମଲ୍ଲିକ, ଥାନାଧିକାରୀ ରତିକାନ୍ତ ଗିରି, ବିପିଏମ୍ ପୀତବାସ ବିଶ୍ୱାଳ ପହଞ୍ଚି ଏପ୍ରିଲ ମାସ ସୁଦ୍ଧା ନୂଆ ସଂଘ ଗଠନ କରାଯିବା ସହ ଅଗଷ୍ଟ ମାସରେ ମିଳିଥିବା ଅର୍ଥ ବିନିଯୋଗର ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ମହିଳା ମହାସଂଘର ଜ୍ୟୋସ୍ନାରାଣୀ ନାୟକ, ବର୍ଷାରାଣୀ ସାହୁ, ସାଗରିକା ପଟ୍ଟନାୟକ, ସୁଦ୍ଧାବାଳା ରାଉତ, ଜାନକୀ ଦାଶ, ଅନୁସୟା ନାୟକ, ମାନସୀ ପ୍ରଧାନ ପ୍ରମୁଖ ଧାରଣାର ନେତୃତ୍ୱ ନେଇଥିଲେ।

# ୨ ମୋବାଇଲ ଲୁଟେରା ଗିରଫ

**ଭଦ୍ରକ ଅଫିସ, ୨୩।୨**

ଭଦ୍ରକ ସହରାଞ୍ଚଳରେ ମୋବାଇଲ ଛିନତାଇ ଓ ଲୁଟ ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି। ସୋମବାର ପୋଲିସ ଏହି ଘଟଣାରେ ୨ମୋବାଇଲ ଲୁଟେରାଙ୍କୁ ଗିରଫ କରି ସେମାନଙ୍କଠାରୁ ୨୨ଟି ମୋବାଇଲ ଜବତ କରିଛି। ଗିରଫ ଦ୍ୱୟ ହେଲେ ବାଇପାସ ଅଞ୍ଚଳର ମଳୟ ଦାସ ଓ ମନୁ ଶର୍ମା। ସେମାନେ ବ୍ୟବହାର କରୁଥିବା ଗୋଟିଏ ବାଇକ୍‌କୁ ପୋଲିସ ଜବତ କରିଥିବା ନେଇ ମଙ୍ଗଳବାର ଟାଉନ ପୋଲିସ ପକ୍ଷରୁ ଆହୂତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସାର୍ଥକ ରାୟ ସୂଚନା ଦେଇଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ. ୮୪/୨୧) ରୁଜୁ ହୋଇଛି। ଦୁଇଦିନ ପୂର୍ବେ ଜଣେ କଲେଜ ପଢୁଆ ଝିଅଙ୍କ ମୋବାଇଲ ବନ୍ତଛକ ନିକଟରୁ ସାଇକେଲ ବାସ୍କେଟରୁ ଚୋରି ହୋଇଥିଲା। ମୋବାଇଲ ନମ୍ବରକୁ ଟ୍ରାକ କରି ପୋଲିସ ଉକ୍ତ ମୋବାଇଲ ଜବତ କରିବା ସହ ଏହି ଦୁଇ ଲୁଟେରାଙ୍କ ପାଖରେ ପହଞ୍ଚିଥିଲା।

## ବାଲିଘାଟ ନିଲାମ ଗଣ୍ଡଗୋଳ ଘଟଣା: ୩ ଗିରଫ

କୁଆମରା,(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅଧୀନରେ ଥିବା ସୋନ ନଦୀ ବାଲିଘାଟ ନିଲାମ ପାଇଁ ଟେଣ୍ଡର ପକାଇବାକୁ ନେଇ ସୋମବାର ଗୋପବନ୍ଧୁ ନଗର ତହସିଲ ସମ୍ମୁଖରେ ଗଣ୍ଡଗୋଳ ଘଟିଥିଲା। ଏହି ଘଟଣାରେ ଖୁଣ୍ଟା ପୋଲିସ ମଙ୍ଗଳବାର ୩ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବାଲେଶ୍ୱର ଜିଲା ମିତ୍ରପୁର ଅଞ୍ଚଳର ସୁରଜ ପଟେଲ, ନୀଳଗିରିର ପିଣ୍ଟୁ ଟୁଡୁ ଓ ମଲିକାଶପୁରର ପ୍ରଣୟ ଦାସ। ଏନେଇ ଥାନାରେ ୩ଟି ମମାଲା(ନଂ.୫୬/୨୧,୫୭/୨୧ ଓ ୫୮/୨୧) ରୁଜୁ ହୋଇଛି।

## ସଂକ୍ଷେପରେ

### ନିଶାସକ୍ତ ଚାଳକ ଗିରଫ

ପାଟଣା,୨୩।୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ଦେଇଯାଇଥିବା ସରାପଶି ନିକଟରେ ମଙ୍ଗଳବାର ଜଣେ କଣ୍ଟେନର ଡ୍ରାଇଭର ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଲାଉଥିବା ଅଭିଯୋଗରେ ତୁରୁମୁଙ୍ଗା ପୋଲିସ ଗିରଫ କରିଛି। ସେ ହେଲେ ଝାଡ଼ଖଣ୍ଡ ରାଜ୍ୟ ବିର୍ଷା ନଗର ଗ୍ରାମର ଉମେଶ କୁମାର ରବି ଦାସ। ସୂଚନା ଯୋଗ୍ୟ ଯେ, ଉମେଶ କେନ୍ଦୁଝରରୁ ତୁରୁମୁଙ୍ଗା ଅଭିମୁଖେ କଣ୍ଟେନର ନେଇ ଯାଉଥିବାବେଳେ ୪୯ ନମ୍ବର ଜାତୀୟ ରାଜପଥର ସରାପଶି ନିକଟରେ ୨ଟି ଗାଈ ଉପରେ ଚଢ଼ାଇ କଣ୍ଟେନରକୁ ନେଇ ଫେରାର ହେଇଯାଉଥିବା ବେଳେ ତୁରୁମୁଙ୍ଗା ବଜାର ଉପରେ ଲୋକେ ଉକ୍ତ କଣ୍ଟେନରକୁ ଅଟକ ରଖିଥିଲେ। ଘଟଣା ସ୍ଥଳରେ ତୁରୁମୁଙ୍ଗା ପୋଲିସ ପହଞ୍ଚି ଗାଡିକୁ ଜବତ କରିବା ସହ ଚାଳକଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

### ଯୁବକଙ୍କ ମୃତଦେହ ଜବତ

ପାଟଣା,୨୩।୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ଥାନା ଗୋରାସ ଗ୍ରାମର କୁଚେଇ ସାହି ଶାଳ ପୋଖରୀରୁ ମଙ୍ଗଳବାର ଜଣେ ଯୁବକଙ୍କ ଗଳିତ ମୃତଦେହ ଜବତ ହୋଇଛି। ମୃତକ ହେଲେ ଗୋରାସ ଗ୍ରାମ ରାଙ୍ଗାଡ଼ିପା ସାହିର ବାସୁ ମୁଣ୍ଡା। ମଙ୍ଗଳବାର ଲୋକେ ପୋଖରୀକୁ ଗାଧେଇବାକୁ ଯାଇଥିବା ବେଳେ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ସାହାରପଡା ଫାଣ୍ଡି ଅଧିକାରୀ ଶିବପ୍ରସାଦ ଆଇଚ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ଏକ ଅପମୃତ୍ୟୁ ମାମଲା (ନଂ.୩/୨୧) ରୁଜୁ କରିଛନ୍ତି। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

### ୨୫ରେ ଜିଲାସ୍ତରୀୟ ପାଲା ସମ୍ମିଳନୀ

ଖଇରା, ୨୩।୨(ଡି.ଏନ.ଏ.): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପିହାଣଗଡିଆ ଗ୍ରାମରେ ୪୦ତମ ଜିଲାସ୍ତରୀୟ ବାର୍ଷିକ ପାଲା ସମ୍ମିଳନୀ ୨୫ ଓ ୨୬ ତାରିଖ ୨ଦିନ ଧରି ଅନୁଷ୍ଠିତ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ରବିବାର ମା' ରାଉତାଣୀଙ୍କ ପୀଠରେ କମିଟି ସଭାପତି କୈଳାସ ଚନ୍ଦ୍ର ପୃଷ୍ଟିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଦର୍ଶକଙ୍କ ମଧରେ ସାମାଜିକ ଦ୍ୱରତ୍ୱ ବଜାୟ ରଖିବା, ପ୍ରବେଶ ପଥରେ ସାନିଟାଇଜ କରିବା ଓ ମାସ୍କ ପରିଧାନ ଉପରେ ଗୁରୁତ୍ୱ ଦେବାକୁ ସ୍ଥିର କରାଯାଇଥିଲା। ଦର୍ଶକ ଓ ପାଲାଗାୟକମାନଙ୍କର ସୁବିଧା ଲାଗି କମିଟି ଯତ୍ନବାନ ହେବା ଦରକାର ବୋଲି ଆବାହକ ଉମାକାନ୍ତ ପରିଡା ପରାମର୍ଶ ଦେଇଥିଲେ। ବୈଠକରେ ଉପସଭାପତି ଦୟାନିଧି ପାଢ଼ୀ, ସମ୍ପାଦକ ରବୀନ୍ଦ୍ର କୁମାର ନନ୍ଦ, ସହ ସମ୍ପାଦକ ଉମାକାନ୍ତ ଦାସ, କୋଷାଧକ୍ଷ ଉମାକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଅବକାରୀ ଚଢ଼ାଉ, ୩ ଗିରଫ

ଖୁଣ୍ଟା,୨୩।୨(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଖୁଣ୍ଟା ଅବକାରୀ ଥାନା ପୋଲିସ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଜଣେ ମହିଳାଙ୍କ ସମେତ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ମୋଟ ୨୨ ଲିଟର ଦେଶୀ ମଦ ଜବତ ହୋଇଛି। ଅଭିଯୁକ୍ତମାନେ ହେଲେ ରାଣୀବନ୍ଧ ଗ୍ରାମର ସୁଶାନ୍ତ ମିରିଡ଼ିଆ, ସିଆଳମୁଣ୍ଡଳୀ ଗ୍ରାମର ସମବାରି ସିଂ ଓ ଅତାନଟି ଗ୍ରାମର କୁଆଁର ମାଝି।

### ଧାନ ମଣ୍ଡି ଅବ୍ୟବସ୍ଥା, ଜିଲାପାଳଙ୍କୁ ଦାବିପତ୍ର

ବାଙ୍ଗିରିପୋଷି,୨୩।୨(ଡି.ଏନ.ଏ.): ମଣ୍ଡିରେ ଚାଷୀଙ୍କ ଧାନ ନିଆଯାଉ ନ ଥିବାରୁ ମଙ୍ଗଳବାର ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ଅନ୍ତର୍ଗତ ଭୂଆଷୁଣି ଲ୍ୟାମ୍ପସ୍ ଅଧୀନରେ ଥିବା କୁସୁମବନ୍ଧ, ବୁଢ଼ିଖମାରୀ, ବଡ଼ଗାଁ, ଭୂଆଷୁଣି,ଶ୍ୟାମସୁନ୍ଦରପୁର, ଧୋବଣୀଶୋଳ ପ୍ରଭୃତି ପଞ୍ଚାୟତର ଶତାଧିକ ଚାଷୀ ଜିଲାପାଳ ବିନୀତ ଭରଦ୍ୱାଜଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଟାର୍ଗେଟ ନାମରେ ଭୂଆଁ ବୁଲା ଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଟୋକନ ପାଇବା ପରେ ଚାଷୀମାନେ ମଣ୍ଡିକୁ ଆସି ଧାନ ବିକି ନ ପାରି ନିରାଶରେ ଫେରୁଛନ୍ତି। ୭ ଦିନ ମଧରେ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଦେବାଶିଷ ହେମ୍ବ୍ରମ, ଚୈତନ୍ୟ ବେହେରା, ମାନସ ରଞ୍ଜନ ମହାନ୍ତ, ବିସିକେଶନ ପାତ୍ର, ସହଦେବ ଗିରି, ମୋହନ ଚନ୍ଦ୍ର ସାହୁ, ପ୍ରଦୀପ ମହାନ୍ତ,ବୈକୁଣ୍ଠ ନାଏକ, ହିମାଂଶୁ ମହାନ୍ତଙ୍କ ସମେତ ବହୁ ଚାଷୀ ଚେତାବନୀ ଦେଇଛନ୍ତି।

# ଧାନ କିଣାରେ ଅନିୟମିତତା ପ୍ରତିବାଦରେ ଧାରଣା

ଲଙ୍ଗଳେଶ୍ୱର, ୨୩।୨(ଡି.ଏନ.ଏ.)


ସମିତି ସମ୍ମୁଖରେ ଚାଷୀମାନେ ଧାରଣା ଦେଇଛନ୍ତି।

ବାଲିଆପାଳ ବ୍ଲକ ବଣିଆଡ଼ିହା ସେବା ସମବାୟ ସମିତିରେ ଧାନକିଣାକୁ ନେଇ ଚାଷୀଙ୍କ ଭିତରେ ଅସନ୍ତୋଷ ଦେଖାଦେଇଛି। ଚାଷୀମାନେ ଖରିଫ ଧାନ ଚାଷ କରି ଅମଳ କରିବା ପରେ ବିକ୍ରି ପାଇଁ ସମିତିରୁ ଟୋକନ ପାଇ ମଧ ଧାନ ବିକ୍ରି ପାଇଁ ଚାତକ ପରି ଚାହିଁ ରହିଛନ୍ତି। ଅଧିକାଂଶ ଚାଷୀ ସମିତି ପକ୍ଷରୁ ମୋବାଇଲରେ ସୂଚନା ପାଇ ସମିତିକୁ ଧାନ ଆଣି ବିକ୍ରି କରି ନ ପାରି ସମିତି ଗୋଦାମ ଭିତରେ ରଖିଥିବା ବେଳେ ଅନେକ ଚାଷୀ ନିଜ ଖଳା ଏବଂ ରାସ୍ତାରେ ଧାନ ବସ୍ତା ରଖିଛନ୍ତି। ଚାଷୀଙ୍କ ଅମଳକ୍ଷମ ଫସଲ ବିକ୍ରି ନ ହେବା ଯୋଗୁ ଆଗାମୀ ରବି ଫସଲ କରିବା ପାଇଁ ଅର୍ଥ ପାଉ ନ ଥିବାରୁ ଅସନ୍ତୋଷ ଦାନା ବାନ୍ଧୁଛି। ଉପୁଜିଥିବା ସମସ୍ୟା ସମ୍ପର୍କରେ ଚାଷୀମାନେ ବାରମ୍ବାର ବିଭାଗୀୟ ଅଧିକାରୀ ଏବଂ ସମିତି ସମ୍ପାଦକଙ୍କୁ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳୁ ନ ଥିବାରୁ ସୋମବାର ଶତାଧିକ ଚାଷୀ ସମିତି ସମ୍ମୁଖରେ ଧାରଣାରେ ବସିଥିଲେ। ବାଲେଶ୍ୱର ଏଆରସିଏସ୍ ସୁଶାନ୍ତ ଦାସ ଧାରଣାସ୍ଥଳରେ ପହଞ୍ଚି ଚାଷୀମାନଙ୍କ ସହିତ ଆଲୋଚନା କରିବା ସହ ୭ଦିନ ମଧରେ ଚାଷୀଙ୍କ ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ। ଏହି ସମୟ ମଧରେ ସମସ୍ୟା ସମାଧାନ ନ ହେଲେ ଆଗାମୀ ଦିନରେ ରାସ୍ତାରୋକୋ ସହ ଚାଷୀ ଆତ୍ମାହୂତି ଦେବାକୁ ଚେତାବନୀ ଦେଇଛନ୍ତି। ଆଲୋଚନା ସମୟରେ ସିଂଲା ଥାନା ଅଧିକାରୀ ପ୍ରଶାନ୍ତ କୁମାର ଜେନା ଉପସ୍ଥିତ ଥିଲେ। କୃଷକ ନେତା ମହେଶ୍ୱର ଜେନା, ଚିତ୍ତରଞ୍ଜନ ଜେନା, ଗଗନ ସାହୁ, ନାରାୟଣ ମହାପାତ୍ର, ଅକ୍ଷୟ ପାତ୍ର, ଶମ୍ଭୁ ଭୂୟାଁ, ମହେଶ୍ୱର ଦାସ, ପ୍ରଫୁଲ୍ଲ ସାହୁ, ସରୋଜ ନାୟକ, ଅବନୀ କାନ୍ତ କୁଅଁର, ସନାତନ ଜେନା, ଅଭିଳାଷ ଗୋଛାୟତ, ମାନସ ଦାସ ଓ ପଞ୍ଚାନନ କୁଅଁର ପ୍ରମୁଖ ଶତାଧିକ ଚାଷୀ ଧାରଣାରେ ବସିଥିଲେ।

# ବାରିପଦାର ପୂର୍ବତନ ବିଧାୟକ ବିମଳଲୋଚନ ଦାସଙ୍କ ପରଲୋକ

ବାରିପଦା ଅଫିସ,୨୩।୨


ବିମଳଲୋଚନ ଦାସ(ଫାଇଲ୍ ଫଟୋ)।

ମୟୂରଭଞ୍ଜ ଜିଲା ବାରିପଦା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ବିମଳଲୋଚନ ଦାସ(୮୪)ଙ୍କର ମଙ୍ଗଳବାର ପରଲୋକ ଘଟିଛି। ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ସେ ଜେଏମ୍ଏମ୍ ଦଳ ପକ୍ଷରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୧୯୬୧ରେ ଶୁଳିଆପଦା ବ୍ଲକର ଉପାଧକ୍ଷ ଭାବେ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ସେହିପରି ବାରିପଦା ଅର୍ବାନ ବ୍ୟାଙ୍କରେ ଦୁଇଥର ସଭାପତି ଭାବେ କାର୍ଯ୍ୟ କରିବା ସହିତ ଅର୍ବାନ କୋ-ଅପରେଟିଭ୍ ଫେଡ଼େରେଶନ ଓ ରାଜ୍ୟ ସମବାୟ ନିଗମର ନିର୍ଦ୍ଦେଶକ ମଧ ରହିଥିଲେ। ୧୯୬୪ରୁ ୧୯୯୦ ପର୍ଯ୍ୟନ୍ତ ଏକ ଦୈନିକ ଖବରକାଗଜର ମୟୂରଭଞ୍ଜ ଜିଲା ପ୍ରତିନିଧି ଭାବେ କାର୍ଯ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ସେ ଭାଜପାରେ ସାମିଲ ହେବା ସହ ଅସୁସ୍ଥତା କାରଣରୁ ପ୍ରତ୍ୟକ୍ଷ ରାଜନୀତିରୁ ବିରତ ରହିଥିଲେ। ତାଙ୍କ ପରଲୋକ ଖବରପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାରିପଦାସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ଦାସଙ୍କର ୨ପୁଅ, ବୋହୁ ଓ ୩ ଝିଅ ଜ୍ୱାଇଁ ଏବଂ ନାତିନାତୁଣୀ ଅଛନ୍ତି। ବୁଧବାର ପୂର୍ବାହ୍ନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ପରିବାର ସୂତ୍ରରୁ ଜଣାପଡ଼ିଛି।

# ଯୋଗାସନ, ନାଟକ ପ୍ରଦର୍ଶନ କଲେ ଅନ୍ତେବାସୀ

ଖଇରା, ୨୩।୨(ଡି.ଏନ.ଏ.)


ନାଟକ 'ଗୁରୁଦକ୍ଷିଣା'ର ଏକ ଅଂଶ।

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଡଗରପଡାସ୍ଥିତ ବିବେକ ଭାରତୀ ସେବାଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ ଗୁରୁବାର ଦିବସବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ମଧରେ ଶେଷ ହୋଇଯାଇଛି। ଆଶ୍ରମ ସଞ୍ଚାଳକ ସ୍ୱାମୀ ଗଣେଶାନନ୍ଦଜୀ ମହାରାଜଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଚାନ୍ଦଗୋଛି ମଠର ମହନ୍ତ ଇଷ୍ଟବନ୍ଧୁ ପରମହଂସଦେବ, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ କୈଳାସ ଚନ୍ଦ୍ର ପୃଷ୍ଟି, ଅନୀଲ କୁମାର ମହାନ୍ତି ପ୍ରମୁଖ ପିଲାମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ହେମକାନ୍ତ ଶିଅଳ ବାର୍ଷୀକ ବିବରଣୀ ପାଠ ଓ ମଳୟ କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଶିଷ୍ୟମାନେ ଗୁରୁଦକ୍ଷିଣା ପ୍ରଦାନ କରିବାକୁ ଯାଇ ଦେବତାମାନଙ୍କୁ ବି ପରାସ୍ତ କରିପାରନ୍ତି ସେ ସମ୍ପର୍କରେ ଅନ୍ତେବାସୀଙ୍କ ଦ୍ୱାରା ନାଟକ ଗୁରୁଦକ୍ଷିଣା ମଞ୍ଚସ୍ଥ କରାଯାଇଥିଲା। ସେହିଭଳି ପିଲାମାନଙ୍କ ଦ୍ୱାରା ଯୋଗାସନ ଓ ଦେଶାତ୍ମବୋଧକ ନୃତ୍ୟ ପରିବେଷଣ କରାଯାଇଥିଲା । ବରିଷ୍ଠ ଖବରଦାତା ଗଙ୍ଗାଧର ରାଉତ, ଚନ୍ଦ୍ରକାନ୍ତ ବେହେରା, ଅକ୍ଷୟ ଦାଶ, ପ୍ରଜ୍ଞା ପାକଳ, ମିନାକ୍ଷୀ ଦଳାଇଙ୍କ ସମେତ ଡଗରପଡା ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ହତ୍ୟା ଉଦ୍ୟମ ମାମଲାରେ ୫ ବର୍ଷ ଜେଲ

ଭଦ୍ରକ ଅଫିସ, ୨୩।୨

ଭଦ୍ରକ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦେବଦତ୍ତ ପଟ୍ଟନାୟକ ମରଣାନ୍ତକ ଆକ୍ରମଣ ଓ ହତ୍ୟା ଉଦ୍ୟମ ମାମଲାର ବିଚାର କରି ୨ ଦୋଷୀଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡ ଓ ୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୧ ବର୍ଷ କାରାଦଣ୍ଡ ଭୋଗିବା ପାଇଁ କୋର୍ଟ ତାଙ୍କ ରାୟରେ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଦ୍ୱୟ ହେଲେ ଗବସାହି ଗ୍ରାମ ହାଉସିଂ ବୋର୍ଡ ଅଞ୍ଚଳର ସନ୍ତୋଷ ସେଠୀ ଓ ମାନସ ସେଠୀ। ପ୍ରକାଶ ଯେ, ହାଉସିଂ ବୋର୍ଡ ଅଞ୍ଚଳରେ ରହୁଥିବା ଉମାକାନ୍ତ ପଣ୍ଡାଙ୍କ ସହ ଗତ ୧୨।୮।୧୪ ରିଖ ସନ୍ଧ୍ୟାରେ ତାଙ୍କ ପଡ଼ୋଶୀ ସନ୍ତୋଷ ଓ ମାନସଙ୍କ ବ୍ୟକ୍ତିଗତ କାରଣ ନେଇ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଦୁହେଁ ଉମାକାନ୍ତଙ୍କୁ ମରଣାନ୍ତକ ଆକ୍ରମଣ କରି ରାସ୍ତା କଡ଼ରେ ଫୋପାଡ଼ି ଦେଇ ପଳାଇଥିଲେ। ପାଟ୍ରୋଲିଂ ପୋଲିସ ତାଙ୍କୁ ଉଦ୍ଧାର କରିଥିଲା। ପରେ ଉମାକାନ୍ତଙ୍କ ସ୍ତ୍ରୀ ଏନେଇ ଥାନାରେ ଅଭିଯୋଗ କରିଥିଲେ।

# ବସ୍ ଓଲଟି ୧୭ ଆହତ


ଓଲଟି ପଡିଥିବା ବସ୍।

ଚମ୍ପୁଆ,୨୩।୨(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ଥାନା କାଳିକାପ୍ରସାଦ ନିକଟରେ ଏକ ଯାତ୍ରୀବାହି ବସ ଓଲଟି ପଡ଼ିବାରୁ ୧୭ ଯାତ୍ରୀ ଆହତ ହୋଇଛନ୍ତି। ଆହତଙ୍କ ମଧରେ ଶିଶୁ ଓ ମହିଳା ଅଛନ୍ତି। ସେମାନଙ୍କୁ ଚମ୍ପୁଆ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ମଙ୍ଗଳବାର ମଧାହ୍ନରେ ସତ୍ୟଭାମା ନାମକ ବସ୍‌ଟି ଯୋଡ଼ା ଅଞ୍ଚଳରୁ ଯାତ୍ରୀଙ୍କୁ ନେଇ ରିମୁଳି ରାସ୍ତାରେ ଚମ୍ପୁଆ ଆସୁଥିଲା। ମାତ୍ର କାଳିକାପ୍ରସାଦ ନିକଟରେ ଏହା ଭାରସାମ୍ୟ ହରାଇ ତାରିଣୀ ଛକଠାରୁ ଅନତି ଦୂରରେ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଆହତଙ୍କ କହିବା ଅନୁସାରେ ଦୁର୍ଘଟଣାର କିଛି ସମୟ ପୂର୍ବରୁ ବସ ଡ୍ରାଇଭର ହେଲପରଙ୍କୁ ମୁଣ୍ଡ ବୁଲାଉଛି କହି ପାଖକୁ ଡାକିଥିଲେ। ମାତ୍ର ହେଲପର ଡ୍ରାଇଭରଙ୍କ ପାଖରେ ପହଞ୍ଚିବା ପୂର୍ବରୁ ଗାଡ଼ିଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଦୁର୍ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ତେବେ ଆହତଙ୍କ ଅବସ୍ଥା ଭଲ ଥିବା ଡାକ୍ତର ଧର୍ମପଦ ଦାସ ମହାପାତ୍ର ସୂଚନା ଦେଇଛନ୍ତି।

# ମା' କୋଳକୁ ଫେରିଲା ପୁଅ

ବାରିପଦା ଅଫିସ,୨୩।୨

**ଏସ୍‌ପିଙ୍କ ହସ୍ତକ୍ଷେପ**

ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ଅଧୀନ ତୁଳସୀ ଚଉରା କବରଖାନା ନିକଟସ୍ଥ ଶାଶୁ ଘର ସମ୍ମୁଖରେ ଶିଶୁପୁତ୍ରକୁ ନ ପାଇ ଧାରଣାରେ ବସିଥିବା ଜଣେ ମହିଳା ଶେଷରେ ଶିଶୁପୁତ୍ରକୁ ଫେରି ପାଇଛନ୍ତି। ଏସ୍‌ପି ପରମାର ସ୍ମିଥ ପୁରୁଷୋତ୍ତମ ଦାସ ଘଟଣାସ୍ଥଳରେ ପହଞ୍ଚି ଶାଶୁଘର ଲୋକେ ଲୁଚାଇ ରଖିଥିବା ଶିଶୁପୁତ୍ରକୁ ଉଦ୍ଧାର କରି ତାଙ୍କ ମା'କୁ ଫେରାଇ ଦେଇଛନ୍ତି। ସୂଚନା ଅନୁଯାୟୀ, ଅଧିକ ଯୌତୁକ ଦାବିରେ ପୁତ୍ରବଧୂ ଅଙ୍କିତା ଦଣ୍ଡପାଟଙ୍କୁ ଶାଶୁଘର ଲୋକେ ନିର୍ଯାତନା ଦେଉଥିବା ନେଇ କୁଳିଅଣା ଥାନାରେ ଅଭିଯୋଗ ହୋଇଥିଲା । ଏ ନେଇ ପୋଲିସ ସ୍ୱାମୀ ଜଗନ କୁମାର ଘଡ଼େଇ, ଶ୍ୱଶୁର ଉତ୍ତମ ଘଡ଼େଇ, ଶାଶୁ ରାଜଲକ୍ଷ୍ମୀ ଓ ଦିଅର ରଞ୍ଜନଙ୍କ ନାମରେ ଏକ ମାମଲା(ନଂ.୨୧/୨୧)ରୁଜୁ କରି ସୋମବାର ଯୌତୁକ ସାମଗ୍ରୀ ଉଦ୍ଧାର କରିବାକୁ ଆସିଥିଲା। ତେବେ ଅଙ୍କିତାଙ୍କ ଶିଶୁ ପୁତ୍ରକୁ ଶାଶୁ ଘର ଲୋକେ ଲୁଚାଇ ରଖିଥିବାରୁ ପୁଅକୁ ନ ପାଇଲେ ସେ ଆତ୍ମାହୂତି ଦେବେ ବୋଲି କହି ଶାଶୁଘର ଆଗରେ ଧାରଣାରେ ବସିଥିଲେ।

# ଦୁର୍ଘଟଣାରେ ମୃତ୍ୟୁକୁ ନେଇ ରାସ୍ତାରୋକୋ



ସିମୁଳିଆ, ୨୩।୨(ଡି.ଏନ.ଏ.)

ସିମୁଳିଆ ଥାନାଠାରୁ ପ୍ରାୟ ୫ଶହ ମିଟର ଦୂର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ହନୁମାନ ମନ୍ଦିର ନିକଟରେ ମଙ୍ଗଳବାର ପିକ୍‌ଅପ୍ ଭ୍ୟାନ (ନଂ.ଓଡ଼ି୦୧ଏଲ-୦୩୨୮) ଧକ୍କାରେ ମଦନ ବେହେରା(୫୦) ନାମକ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ତାଙ୍କ ଘର ସ୍ଥାନୀୟ ବଜାର ସାହି ନିକଟରେ। ମଦନ ସାଇକେଲ କ୍ୟାରିଅରରେ ଗୋବରଖତ ରଖି ନିଜ ବାଡ଼ିକୁ ଚାଲି ଚାଲି ଯାଉଥିବା ବେଳେ ଭଦ୍ରକ ଅଭିମୁଖେ ଯାଉଥିବା ଭ୍ୟାନ୍ ଭାରସାମ୍ୟ ହରାଇ ତାଙ୍କ ପଛପଟୁ ଧକ୍କା ଦେଇଥିଲା। ଭ୍ୟାନ୍ ଧକ୍କାରେ ମଦନଙ୍କ ମୁଣ୍ଡର ପଛ ପାର୍ଶ୍ୱରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସିମୁଳିଆ ଡାକ୍ତରଖାନାକୁ ଅଣାଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ଲୋକେ କଲେଜ ପର୍ଯ୍ୟନ୍ତ ବାଇପାସ୍ ରୋଡ଼ ଓ ହମ୍ପସ ଦାବିରେ ରାସ୍ତାରୋକୋ କରିଥିଲେ। ପରେ ଥାନା ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପୋଲିସ ଭ୍ୟାନ ଚାଳକଙ୍କ ସମେତ ଭ୍ୟାନକୁ ଜବତ କରିଛି ।

# ନିଶାମୁକ୍ତ ପଞ୍ଚାୟତ ଲାଗି ଅଣ୍ଟା ଭିଡ଼ିଲେ ମହିଳା

ରାଇବଣିଆ, ୨୩।୨

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନାର ଦକ୍ଷିଣ ପ୍ରହରାଜପୁର ପଞ୍ଚାୟତରେ ନିଶା କାରବାର ଚଳାଇଥିବା ଯୁବକମାନଙ୍କୁ ଗିରଫ ଲାଗି ବାବା ଦକ୍ଷିଣେଶ୍ୱର ମହିଳା ମହାସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ପଞ୍ଚାୟତରେ ମଦର ବନ୍ୟା ଚାଲିଥିବାରୁ ମହିଳାମାନେ ମାନସିକ ନିର୍ଯାତନାର ଶୀକାର ହେଉଛନ୍ତି। ସଂଘ ପକ୍ଷରୁ ବୈଠକ କରାଯାଇ ଗ୍ରାମକୁ ନିଶାମୁକ୍ତ କରିବା ଲାଗି ଅଭିଯାନ ଆରମ୍ଭ ହୋଇଛି। ମହାସଂଘ ସଭାପତି ପୁଷ୍ପଲତା ଦତ୍ତ, ସମ୍ପାଦକ ସାବିତ୍ରୀ ପାଣିଗ୍ରାହୀଙ୍କ ସମେତ ବହୁ ସଭ୍ୟା ରାଇବଣିଆ ଥାନା ଅଧିକାରୀଙ୍କୁ ଅଭିଯୋଗ କରିଛନ୍ତି।

# ପାଞ୍ଚକୋଡ଼ା ଏକାଦଶ ଫାଇନାଲରେ


ଷ୍ଟାଡିୟମରେ ଦୁଇ ଦଳର ଖେଳାଳି।

ବାସୁଦେବପୁର, ୨୩।୨(ଡି.ଏନ.ଏ.)

**ଦିବାକର ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ**

ଭଦ୍ରକ ଜିଲା ବାସୁଦେବପୁରର ଶୁଙ୍ଗୁଡ଼ା ଗ୍ରାମ ସ୍ଥିତ ନୀଳମଣି ମିନିଷ୍ଟାଡିୟମରେ ଗଣେଶ କ୍ଲବ ଆନୁକୂଲ୍ୟରେ ଚାଲିଛି। ଦିବାକର ମେମୋରିଆଲ ଆନ୍ତଃରାଜ୍ୟ ଫୁଟବଲ ଟୁର୍ନାମେଣ୍ଟର ୨ୟ ପାଦ ସେମିଫାଇନାଲ ଖେଳରେ ପାଞ୍ଚକୋଡ଼ା ଏକାଦଶ ଟାଇବ୍ରେକର ଗୋଲ ଜରିଆରେ ଖଡ଼ଗପୁର ଏକାଦଶକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଧାର୍ଯ୍ୟ ସମୟ ମଧରେ ଦୁଇଦଳ କେହି କାହାରି ବିପକ୍ଷରେ ଗୋଲ ଦେଇପାରି ନ ଥିଲେ। ଖେଳ ଅମିମାଂସିତ ଭାବେ ଶେଷ ହେବା ପରେ ଟାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ କୋଲକତାର ପାଞ୍ଚକୋଡ଼ା ଏକାଦଶ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଫାଇନାଲ ଖେଳଟି ବୁଧବାର ପାଞ୍ଚକୋଡ଼ା ଏକାଦଶ କଲିକତା ଓ ସିମୁଳିପାଳ ଏକାଦଶ ମୟୂରଭଞ୍ଜ ମଧରେ ଅନୁଷ୍ଠିତ ହେବ। ଅତିଥି ଭାବେ ମୃତ୍ୟୁଞ୍ଜୟ ନାୟକ, ଅବସରପ୍ରାପ୍ତ ଅଧାପକ ଗୋଲକ ବିହାରୀ ମଲିକ ଯୋଗ ଦେଇଥିଲେ। ଗଣେଶ କ୍ଲବ ସଭାପତି ଗୌରାଙ୍ଗ ବେହେରା, ସମ୍ପାଦକ ସୁବାସ ଚନ୍ଦ୍ର ନାୟକ, ସାଂସ୍କୃତିକ ସମ୍ପାଦକ ଉଦୟ ଜେନା, ସହସମ୍ପାଦକ ହୃଷିକେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମିଳିଲା ନିଖୋଜ ବ୍ୟକ୍ତିଙ୍କ ମୃତଦେହ

ଜଳେଶ୍ୱର, ୨୩।୨(ଡି.ଏନ.ଏ.)

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ**

ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ରାଇବଣିଆ ଥାନାର ମାର୍କିଡିଆ ଗାଁରେ ଜଣେ ବ୍ୟକ୍ତି ନିଖୋଜ ହେବାର ୨ ଦିନ ପରେ ତାଙ୍କ ମୃତଦେହ ଜବତ ହୋଇଛି। ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି । ଗତ ୨ ଦିନ ତଳେ ମାର୍କିଡିଆ ଗାଁର ହରିଶ୍ଚନ୍ଦ୍ର ମହାନ୍ତି(୫୫) ନିଖୋଜ ହୋଇଥିଲେ । ସେ ରାଜମିସ୍ତ୍ରୀ ଭାବେ କାର୍ଯ୍ୟ କରିଆସୁଥିବା ବେଳେ ସୋମବାର ସନ୍ଧ୍ୟାରୁ ଘରକୁ ଫେରି ନ ଥିଲେ । ପୁଅ ପ୍ରଦୀପ ମହାନ୍ତି ଓ ଶାଳକ ପ୍ରତାପ ଦାସ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ମଙ୍ଗଳବାର ରାଇବଣିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅପରାହ୍ନରେ ଏକ ପୋଲ ତଳେ ସାଇକେଲ ସହିତ ହରିଶ୍ଚନ୍ଦ୍ରଙ୍କ ମୃତଦେହ ଠାବ କରାଯାଇଥିଲା। ପୋଲିସ୍ ଘଟଣାସ୍ଥଳକୁ ଯାଇ ହରିଶ୍ଚନ୍ଦ୍ରଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ତାଙ୍କ ମୁହଁ, ନାକ, ଓ ରୁମାଲରେ ରକ୍ତ ଛିଟା ଲାଗିଥିବାରୁ ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ପରିବାର ସହିତ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହେବା ପରେ ଦୀର୍ଘସମୟ ଧରି ଉତ୍ତେଜନା ଲାଗି ରହିଛି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଦଳ ପହଞ୍ଚି ପୋଲିସ ବୁଝାସୁଝା କଲା ପରେ ଶବ ବ୍ୟବଚ୍ଛେଦ ହୋଇଥିଲା ।

# ହେଲମେଟ ଯାଞ୍ଚ ବେଳେ ଦମ୍ପତି ଗୁରୁତର

ବାରିପଦା ଅଫିସ,୨୩।୨

ମୟୂରଭଞ୍ଜ ଜିଲା ବାରିପଦା-ଝାରପୋଖରିଆ ୧୮ ନଂ. ଜାତୀୟ ରାଜପଥର କୁଳିଅଣା ନିକଟ ନିର୍ମାଣାଧୀନ ଟୋଲଗେଟ ପାଖରେ ମଙ୍ଗଳବାର ସନ୍ଧ୍ୟାରେ କୁଳିଅଣା ପୋଲିସ ପକ୍ଷରୁ ହେଲମେଟ ଚେକିଂ ସମୟରେ ଏକ ଅଭାବନୀୟ ଘଟଣା ଘଟିଛି। ବିଶୋଇରୁ ଆସୁଥିବା ଦମ୍ପତିଙ୍କ ବାଇକ୍ ଚକରେ ପୋଲିସ କନଷ୍ଟେବଲଙ୍କ ଲାଠି ପଶିଯିବାରୁ ଉଭୟେ ପଡ଼ି ଯାଇଥିଲେ। ତେବେ ଡ୍ୟୁଟିରେ ଥିବା ପୋଲିସ କର୍ମଚାରୀ ସେମାନଙ୍କୁ ଉଦ୍ଧାର କରି ନ ଥିବା ଅଭିଯୋଗ ହୋଇଛି। ସେଠାରେ ଉପସ୍ଥିତ ଥିବା ଜଣେ ଯୁବ ଆଇନଜୀବୀ ଅନ୍ୟ ଯାତ୍ରୀଙ୍କ ସହିତ ସେମାନଙ୍କୁ ଫାଷ୍ଟଏଡ୍ ବକ୍ସରୁ ପ୍ରାଥମିକ ଚିକିତ୍ସା କରି ଆମ୍ବୁଲାନ୍ସ ଯୋଗେ ବାରିପଦା ପିଆରଏମ୍ ମେଡିକାଲକୁ ପଠାଇଥିଲେ। ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ଜାନୀ ଘଟଣାକୁ ଅସ୍ୱୀକାର କରିବା ସହ ଟୋଲଗେଟ ନିକଟ ହମ୍ପସ୍‌ରେ ପଡ଼ି ଉକ୍ତ ଦମ୍ପତି ଆହତ ହୋଇଥିବା କହିଛନ୍ତି।

# ବିବାହ, ବ୍ରତ ଓ ସଭାସମିତି ପାଇଁ ପୋଲିସ ଅନୁମତି ବାଧ୍ୟତାମୂଳକ

ଭଦ୍ରକ ଅଫିସ,୨୩।୨

**ଗାଇଡ଼ ଲାଇନ ଜାରି କଲେ ଜିଲାପାଳ**

ଭଦ୍ରକ ଜିଲାରେ ଦୈନିକ ହେଉଥିବା କରୋନା ଆଣ୍ଟିଜେନ୍ ଟେଷ୍ଟରେ ମଙ୍ଗଳବାର ଜଣେ ପଜିଟିଭ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କରୋନାର ଦ୍ୱିତୀୟ ଲହର ପୁଣି ଆସୁଥିବାରୁ ଏହି ପଜିଟିଭ୍ ଆକ୍ରାନ୍ତ ଚିହ୍ନଟ ହେବା ପରେ ଜିଲା ପ୍ରଶାସନ କଟକଣାକୁ କଡ଼ାକଡ଼ି କରିଛି। କରୋନା ଦ୍ୱିତୀୟ ଲହରକୁ ନେଇ ଜିଲା ସଂସ୍କୃତି ଭବନରେ ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସଙ୍କ ଅଧକ୍ଷତାରେ କରୋନା ମୁକାବିଲା ଓ ସଚେତନତା ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ ପାତ୍ର, ଅତିରିକ୍ତ ଜିଲାପାଳ ଅରୁଣ କୁମାର ମହାପାତ୍ର, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଶିବାଶିଷ ମହାରଣା ପ୍ରମୁଖ ଯୋଗ ଦେଇ ସ୍ୱାସ୍ଥ୍ୟକର୍ମୀ, ଆଶାସାଥୀଙ୍କୁ କୋଭିଡ୍ ଗାଇଡ ଲାଇନର ପରିଚାଳନା ସଂକ୍ରାନ୍ତରେ ସୂଚନା ଦେଇଥିଲେ। ଜିଲାପାଳ ଡ. ଦାସ ଗାଇଡ୍ ଲାଇନ ଜାରି କରି ସ୍ପଷ୍ଟ କରିଛନ୍ତି ଯେ ବିବାହ, ବ୍ରତ, ସଂସ୍କାର କର୍ମ, ସଭା, ସମିତି ଭଳି ଜନସମାଗମ ହେଉଥିବା କାର୍ଯ୍ୟକ୍ରମ ପାଇଁ ସ୍ଥାନୀୟ ପୋଲିସ ଠାରୁ ଅନୁମତି ନେବା ବାଧ୍ୟତା ମୂଳକ। ଅନୁମତି ସମୟରେ ମୋଟ କେତେ ଲୋକ ଏକତ୍ର ହେବେ ତାହା ଉଲ୍ଲେଖ କରାଯିବ। ଆବଦ୍ଧ କୋଠରୀ, ମଣ୍ଡପ, ହଲ୍ ଆଦିରେ କରାଯାଉଥିବା କାର୍ଯ୍ୟକ୍ରମରେ ମୋଟ ରହିଥିବା ସିଟ୍ ସଂଖ୍ୟାର ୫୦ ପ୍ରତିଶତ ଉପସ୍ଥିତି ରହି ପାରିବ। ଖୋଲା ସ୍ଥାନରେ କାର୍ଯ୍ୟକ୍ରମ ହେଉଥିଲେ ଆୟୋଜିତ ସ୍ଥାନର ଆକାର ଦେଖି ଲୋକ ସଂଖ୍ୟା ସ୍ଥିର କରାଯିବ। ଏହାର ବ୍ୟତିକ୍ରମ ହେଲେ ମଣ୍ଡପ ମାଲିକ, ବରକନ୍ୟାଙ୍କ ପିତାମାତା, ଆୟୋଜକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିଭଳି ଉପସ୍ଥିତ ଲୋକମାନେ ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ରକ୍ଷା କରିବା ଓ ସାନିଟାଇଜର ବ୍ୟବହାରକୁ କଡ଼ାକଡ଼ି କରାଯାଇଛି।

